

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୬ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 26 SEPTEMBER 2020
Vol.No. 30 ■ No. 244 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


## ଭୁବନେଶ୍ୱରରେ କରୋନା ସ୍ଥିତି ନିୟନ୍ତ୍ରଣରେ ଅଛି : ବିଏମସି କମିଶନର

ଭୁବନେଶ୍ୱର,୨୫ା୯ (ନି.ପ୍ର): ଭୁବନେଶ୍ୱରରେ କରୋନା ଭାଇରସ ସଂକ୍ରମଣସ୍ଥିତି ନିୟନ୍ତ୍ରଣାଧୀନ ଅଛି । ଏବେ ୩୬୮୩ ଆକ୍ଟିଭ୍ କେସ୍ ରହିଛି, ୭୫% ଆକ୍ରାନ୍ତ ହୋମ୍ ଆଇସୋଲେସନରେ ଅଛନ୍ତି, ଆଉ ୬୦ କୋଭିଡ ଆଇସିୟୁ ବେଡ୍ ବୃଦ୍ଧି କରାଯାଇଛି ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି । ସେ କହିଛନ୍ତି, କୋଭିଡ-୧୯ ସଂକ୍ରମଣ ଯୋଗୁଁ ୩ ଜଣ କରୋନା ଯୋଦ୍ଧାଙ୍କର ମୃତ୍ୟୁ ହୋଇଛି । ସେ କହିଛନ୍ତି ବିଗତ ଏକ ସପ୍ତାହ ମଧ୍ୟରେ ଭୁବନେଶ୍ୱରରେ ୬୦ ନୂଆ ଆଇସିୟୁ ବେଡର ବ୍ୟବସ୍ଥା କରାଯାଇଛି । ଏଥିରୁ ୫୦ ପ୍ରତିଶତ ଆଇସିୟୁ ବେଡ ଘରୋଇ ହସ୍ପିଟାଲ ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି ।

### ବିଧାନସଭା ପରିଚାଳନା ନେଇ ସର୍ବଦଳୀୟ ବୈଠକ ଅନୁଷ୍ଠିତ

# ସାଢେ ୪ ଘଂଟା ବସିବ ଅଧିବେଶନ



## ହେବନି ପ୍ରଶ୍ନକାଳ, ଆଜି ବିଧାୟକଙ୍କ କୋଭିଡ୍ ଟେଷ୍ଟ

ଭୁବନେଶ୍ୱର,୨୫ା୯ (ନି.ପ୍ର): ଆସନ୍ତା ୨୯ ତାରିଖ ପର୍ବାହ୍ନ୧୧ଟାରୁ ଆରମ୍ଭ ହେବ ଓଡିଶା ବିଧାନସଭାର ମୌସୁମୀ ଅଧିବେଶନ। ପ୍ରତ୍ୟକ ଦିନ ୨ ପର୍ଯ୍ୟାୟରେ ସାଢେ ୪ ଘଂଟା ଗୃହ ଚାଲିବ । ପ୍ରଥମ ଦିନ ପ୍ରଥମାର୍ଦ୍ଧରେ ଶୋକ ପ୍ରସ୍ତାବ ପାରିତ ହେବା ପରେ ଗୃହ ମୁଲତବୀ ଘୋଷଣା କରାଯିବ । ସେହିଦିନ ଅପରାହ୍ନ ୩ଟାରୁ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ୫ଟାରେ ଶେଷ ହେବ। ଅନ୍ୟଦିନମାନଙ୍କରେ ଗୃହ କାର୍ଯ୍ୟ ପୂର୍ବାହ୍ନ ୧୦ଟା ୩୦ରୁ ଆରମ୍ଭ ହୋଇ ଦିନ ଗୋଟାଏ ଯାଏଁ ଚାଲିବ ଓ ଦ୍ୱିତୀୟ ପର୍ଯ୍ୟାୟ ଗୃହ କାର୍ଯ୍ୟ ୩ଟାରୁ ୫ଟା ଯାଏଁ ପରିଚାଳିତ ହେବ । ତେବେ ଚଳିତ ମୌସୁମୀ ଅଧିବେଶନରେ ପ୍ରଶ୍ନକାଳ ରହିବ ନାହିଁ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଶୁକ୍ରବାର ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ସୂଚନା ଦେଇଛନ୍ତି । ଅପରପକ୍ଷରେ ଅଧିବେଶନ ଆଗରୁ ବିଧାୟକ, ବିଧାନସଭା କର୍ମଚାରୀ, ଷ୍ଟାଫ୍ ଡ୍ରାଇଭର ଓ ପିଏସଓମାନଙ୍କର କୋଭିଡ ପରୀକ୍ଷା କରାଯିବ । ଆସନ୍ତାକାଲି (ଶନିବାର)ସକାଳ ୮ଟାରୁ କୋଭିଡ ପରୀକ୍ଷା ଆରମ୍ଭ ହେବ ବୋଲି ବାଚସ୍ପତି କହିଛନ୍ତି । କରୋନା କଟକଣା ଭିତରେ କିପରି ଗୃହ ପରିଚାଳନା ହେବ ସେନେଇ ଶୁକ୍ରବାର ଦିନ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ, ଅର୍ଥମନ୍ତ୍ରୀ, ବିରୋଧୀ ଦଳ ନେତା ଓ କଂଗ୍ରସ ବିଧାୟକ ଦଳ ନେତା ସାମିଲ ହୋଇଥିଲେ। ଗୃହରେ ୧୪୫ ଜଣ ବିଧାୟକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ତଳମହଲାରେ ବାଚସ୍ପତି ଗ୍ୟାଲେରୀ ଏବଂ ଦର୍ଶକ ଗ୍ୟାଲେରୀରେ ବିଧାୟକଙ୍କ ବସିବା ପାଇଁ ବ୍ୟବସ୍ଥା କରାଯିବ । ବିଧାୟକମାନେ ବସିକି ପ୍ରଶ୍ନ ପଚାରି ପାରିବେ ଏବଂ ମନ୍ତ୍ରୀମାନେ ମଧ ବସିକରି ଉତର ଦେବେ। ଯେଉଁ ବରିଷ୍ଠ ବିଧାୟକ ବିଧାନସଭାକୁ ଆସିନପାରିବେ, ସେମାନେ ଲିଖିତ ଆକାରରେ ଦେଲେ ଜିଲ୍ଲାପାଳଙ୍କ ଭିଡିଓ କନ୍‌ଫରେନ୍ସ ହଲ୍‌ରେ ବ୍ୟବସ୍ଥା କରାଯିବ। ଉଲ୍ଲେଖ୍ୟଯୋଗ୍ୟ ଯେ ଆସନ୍ତା ୨୯ ତାରିଖରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ବିଧାନସଭାର ମୌସୁମୀକାଳୀନ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ମୋଟ ୮ଟି କାର୍ଯ୍ୟଦିବସ ରହିଥିବା ବେଳେ ରବିବାର ଦିନ ମଧ୍ୟ ଗୃହ କାର୍ଯ୍ୟ ଚାଲିବ ।

## ରାଜ୍ୟରେ ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୭୬୭ ହେଲା



ଭୁବନେଶ୍ୱର,୨୫ା୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭୬୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ୪ ଜଣ, ପୁରୀ ଜିଲ୍ଲାର ୩ ଜଣ ତଥା ମୟୁରଭଂଜ ଜିଲ୍ଲାର ୨ ଜଣ ଅଛନ୍ତି । ସେହିପରି ଅନୁଗୁଳ, ବଲାଙ୍ଗୀର,କଟକ, କନ୍ଧମାଳ, କେନ୍ଦ୍ରାପଡା ତଥା ରାୟଗଡା ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରଷ ମୃତ୍ୟୁବରଣ କରିଛନ୍ତି। ବଲାଙ୍ଗୀର ଜିଲ୍ଲାର ଜଣେ ୬୭ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ▶▶ପୃଷ୍ଠା ୭

## ସୁସ୍ଥରେ ରେକର୍ଡ: ଗୋଟିଏ ଦିନରେ ୪,୩୮୮ ଆରୋଗ୍ୟ

ଭୁବନେଶ୍ୱର,୨୫ା୯ (ନି.ପ୍ର): ରାଜ୍ୟ ଆଜି ଗୋଟିଏ ଦିନରେ ସର୍ବାଧିକ ୪ ହଜାର ୩୮୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥଙ୍କ ସଂଖ୍ୟା ୧ ,୬୫,୪୩୨ରେ ପହଂଚିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ଶୁକ୍ରବାର ଦିନ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୪୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକ ଜିଲ୍ଲାରୁ ୪୯୬ ଜଣ, ପୁରୀ ଜିଲ୍ଲାରୁ ୧୮୩ ଜଣ, ନୂଆପଡ଼ା ଜିଲ୍ଲାରୁ ୧୭୯ ଜଣ, ବରଗଡ଼ ଜିଲ୍ଲାରୁ ୧୭୪ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୧୬୭ ଜଣ, ଯାଜପୁର ଜିଲ୍ଲାରୁ ୧୫୯ ଜଣ, ଅନୁଗୁଳ ଜିଲ୍ଲାରୁ ୧୪୪ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୪୨ ଜଣ, ରାୟଗଡ଼ା ଜିଲ୍ଲାରୁ ୧୩୮ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୨୮ ଜଣ, କନ୍ଧମାଳ ଜିଲ୍ଲାରୁ ୧୨୬ ଜଣ, ଜଗତସିଂହପୁର, ନବରଙ୍ଗପୁର ଜିଲ୍ଲାରୁ ୧୧୫ ଜଣ ଲେଖାଏଁ, ସମ୍ବଲପୁର ଜିଲ୍ଲାରୁ ୧୧୪ ଜଣ, ମୟୂରଭଂଜ ଜିଲ୍ଲାରୁ ୧୦୯ ଜଣ, ବୌଦ୍ଧ ଜିଲ୍ଲାରୁ ୧୦୧ ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଭଦ୍ରକ ଜିଲ୍ଲାରୁ ୮୯ ଜଣ, କୋରାପୁଟ ଜିଲ୍ଲାରୁ ୮୮ ଜଣ, କେନ୍ଦୁଝର ଜିଲ୍ଲାରୁ ୭୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୭ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୫୬ ଜଣ, ଗଂଜାମ ଜିଲ୍ଲାରୁ ୪୯ ଜଣ, ବଲାଙ୍ଗୀର ଜିଲ୍ଲାରୁ ୪୭ ଜଣ, ନୟାଗଡ଼ ଜିଲ୍ଲାରୁ ୪୪ ଜଣ, କଳାହାଣ୍ଡି ଜିଲ୍ଲାରୁ ୪୩ ଜଣ, ମାଲକାନଗିରି ଜିଲ୍ଲାରୁ ୪୦ ଜଣ, ଗଜପତି ଜିଲ୍ଲାରୁ ୩୨ ଜଣ, ଦେବଗଡ଼ ଜିଲ୍ଲାରୁ ୧୦ ଜଣ ଓ ରାଜ୍ୟପୁଲରୁ ୩୨୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର,୨୫ା୯ (ନି.ପ୍ର): ସକ୍ରିୟ ହୋଇଥିବା ମୌସୁମୀ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇପାରେ । ଆସନ୍ତା ୨୪ ଘଂଟା ମଧ୍ୟରେ ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫରୁ ସୂଚନା ଦିଆଯାଇଛି। ଏହା ବ୍ୟତୀତ ବଜ୍ରପାତ ସହ ଅଧିକ ବର୍ଷା ଆଶଙ୍କା ଥିବା ରାଜ୍ୟର ୧୭ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଗଜପତି, ଗଂଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଂଜ।

## ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ହଜାର ଟପିଲା

ଭୁବନେଶ୍ୱର,୨୫ା୯ (ନି.ପ୍ର): ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୦ ହଜାର ଅତିକ୍ରମ କରିଛି। ଶୁକ୍ରବାର ଆଉ ୩୨୬ ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦,୨୧୯କୁ ବୃଦ୍ଧି ପାଇଛି। ସେହିପରି ଗତ ୨୪ ଘଂଟାରେ ୩୯୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ୧୬,୫୧୧ ଜଣ ସୁସ୍ଥ ହୋଇସାରିଲେଣି। ଏବେବି ୩ ହଜାର ୬୧୨ ଜଣ ଆକ୍ରାନ୍ତ ସକ୍ରିୟ ଅଛନ୍ତି ଓ ୮୦ ଜଣଙ୍କର ପ୍ରାଣହାନୀ ଘଟିଛି । ଶୁକ୍ରବାର ଚିହ୍ନଟ ନୂଆ ପଜିଟିଭଙ୍କ ମଧ୍ୟରେ ସଂଗରୋଧରୁ ୭୦ ଜଣ ଓ ସ୍ଥାନୀୟ ଅଂଚଳରୁ ୨୫୬ ଜଣ ଆକ୍ରାନ୍ତ ଅଛନ୍ତି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସଂଗରୋଧରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ୟୁନିଟ-୯, ପଟିଆ, ବ୍ରହ୍ମେଶ୍ୱରପାଟଣା, ପଳାଶପଲ୍ଲୀ, ଗୌରୀ ନଗର ୪ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଅଛନ୍ତି । ସେହିପରି ସ୍ଥାନୀୟ ଅଂଚଳରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆରୁ ସର୍ବାଧିକ ୨୦ ଜଣ ଆକ୍ରାନ୍ତ ଅଛନ୍ତି। ନୟାପଲ୍ଲୀରୁ ୧୧ ଜଣ, ୟୁନିଟ-୯ରୁ ୧୦ ଜଣ, ଓଲ୍ଡଟାଉନ୍ ଓ ବରମୁଣ୍ଡାରୁ ୮ ଜଣ ଲେଖାଏଁ , ରସୁଲଗଡ଼ ଓ ଚନ୍ଦ୍ରଶେଖରପୁରରୁ ୭-୭ ଜଣ, ପଳାଶୁଣୀ, ଝାରପଡା, ଶୈଳଶ୍ରୀ ବିହାରରୁ ୬ ଜଣ ଲେଖାଏଁ, ଭୀମଟାଙ୍ଗୀ, ବମିଖାଲରୁ ୫ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନିକୁ ୮୪ କୋଟି ରିହାତି ଦେଲେ ମୋଦି ସରକାର: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୫ା୯ (ନି.ପ୍ର): ଲକ୍ ଡ଼ାଉନ୍ ସମୟରେ ବିଦ୍ୟୁତ୍ କିଣିବା ପାଇଁ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନି (ଡ଼ିସକମ) ଗୁଡ଼ିକୁ ଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ଦିଆଯାଇଥିବା ୮୪ କୋଟି ଟଙ୍କାର ରିହାତି ଫଳରେ ରାଜ୍ୟରେ ବିଦ୍ୟୁତ୍ ବ୍ୟବହାର କ୍ଷେତ୍ରରେ ଉପୁଜିଥିବା ସମସ୍ୟା ଲାଘବ ହୋଇପାରିବ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଶକ୍ତି ମନ୍ତ୍ରୀ ଆର.କେ ସିଂହଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନି ଗୁଡ଼ିକୁ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଧୀନରେ ଥିବା ଏନଏଚପିସି ୩.୭୮ କୋଟି, ଏନଟିପିସି ୫୬.୮ କୋଟି ଏବଂ ପିଜିସିଆଇଏଲ ପକ୍ଷରୁ ୨୪.୩୫ କୋଟି ରିହାତି ଦିଆଯାଇଛି । କରୋନା ସମୟରେ ଉପଭୋକ୍ତାମାନଙ୍କ ପାଇଁ ନିରନ୍ତର ବିଦ୍ୟୁତ୍ ସରବରାହ ହୋଇପାରିବା ଲକ୍ଷ୍ୟରେ ଏହି ଆର୍ଥିକ ରିହାତି ଦିଆଯାଇଛି । ଓଡ଼ିଶାରେ କରୋନା ଦ୍ୱାରା ପ୍ରଭାବିତ ଶକ୍ତି କ୍ଷେତ୍ର ଏବଂ ବିଦ୍ୟୁତ୍ ବିତରଣ କମ୍ପାନିକୁ ସହାୟତା ପ୍ରଦାନ କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ସହ ମୋଦି ସରକାର ନିରନ୍ତର ସହଯୋଗ ଦେଉଛନ୍ତି । ବିଦ୍ୟୁତ୍ ଉତ୍ପାଦନ ଓ ସରବରାହ କମ୍ପାନୀ ଗୁଡିକ ପକ୍ଷରୁ ଦିଆଯାଇଥିବା ରିହାତି ଦ୍ୱାରା ଅନ୍ତଃରାଜ୍ୟ ବିଦ୍ୟୁତ୍ ସରବରାହ ଚାର୍ଜ ଏବଂ ବିଦ୍ୟୁତ ଚାର୍ଜର ରିହାତି ଉପଭୋକ୍ତାଙ୍କ ପାଖରେ ପହଂଚିପାରିବ । ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାମାନେ ▶▶ପୃଷ୍ଠା ୭

## ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି



ଭୁବନେଶ୍ୱର,୨୫ା୯ (ନି.ପ୍ର):ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବାକୁ ନିବେଦନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ୍ ଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି ଓଡ଼ିଶାର କଳା ଓ ସଙ୍ଗୀତପ୍ରେମୀ ଚଳାଇଥିବା ଉଦ୍ୟମ ପ୍ରତି ଆପଣଙ୍କ ଧ୍ୟାନ ଆକର୍ଷଣ କରୁଛି। ▶▶ପୃଷ୍ଠା ୭

## ୨୭ରୁ ଭୁବନେଶ୍ୱରରୁ ପୁରୀ ଓ କୋଣାର୍କକୁ ଚାଲିବ ମୋ ବସ୍



ଭୁବନେଶ୍ୱର,୨୫ା୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୨୭ରେ ପର୍ଯ୍ୟଟନ ଦିବସ ଅବସରରେ ଭୁବନେଶ୍ୱରରୁ ପୁରୀ ଓ କୋଣାର୍କକୁ ମୋ ବସ୍ ସେବା ଆରମ୍ଭ ହେବ । ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ମୋ ବସ ସେବା ରୁଟ ନଂ ୫୦ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ବସଷ୍ଟାଣ୍ଡରୁ ବାହାରି ପୁରୀ ଯିବ। ସେହିପରି ୭୦ ନମ୍ବର ରୁଟରେ ମୋ ବସ୍ କୋଣାର୍କ ଅଭିମୁଖେ ଗଡ଼ିବ ବୋଲି କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ତରଫରୁ ଶୁକ୍ରବାର ଟୁଇଟ୍ କରି ସୂଚନା ଦିଆଯାଇଛି । ପ୍ରଥମେ ୨ଟି ବିନା ଏସି ବସ୍ ସେବା ▶▶ପୃଷ୍ଠା ୭

## ବିଜୁଳି ଶୁଳ୍କ ବୃଦ୍ଧି ଝିଂଟିକା ମାରି ବଣି ପୋଷିବା ସମାନ : ବିଜେପି

### କେନ୍ଦ୍ର ସରକାର ରିହାତି ଦେଉଛନ୍ତି ରାଜ୍ୟ ସରକାର ବିଜୁଳି ଦର ବୃଦ୍ଧି କରୁଛନ୍ତି



ଭୁବନେଶ୍ୱର,୨୫ା୯ (ନି.ପ୍ର): କରୋନା ମହାମାରୀ ସମୟରେ ଓଡିଶାର ଘରୋଇ ବିଜୁଳି ଉପଭୋକ୍ତାଙ୍କ ବିଜୁଳି ଦର ବଢିବା ଘଟଣାରେ ଦୃଢ ପ୍ରତିବାଦ କରିଛି ବିଜେପି । ରାଜ୍ୟ ସରକାର ବିଜୁଳି ବିଲ୍ ଆଦାୟ ମାମଲାରେ ଝିଂଟିକା ମାରି ବଣି ପୋଷିବା ନୀତି ଅବଲମ୍ବନ କରିଛନ୍ତି ବୋଲି ବିଜେପି ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଲକ୍ ଡ଼ାଉନ୍ ସମୟରେ ବିଦ୍ୟୁତ୍ କିଣିବା ପାଇଁ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନି (ଡ଼ିସକମ) ଗୁଡ଼ିକୁ ଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରାୟତ ଉଦ୍ୟୋଗ ଦ୍ୱାରା ଦିଆଯାଇଥିବା ୮୪ କୋଟି ଟଙ୍କାର ରିହାତି ଦଆଯାଇଛି । ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନି ଗୁଡ଼ିକୁ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ ଅଧୀନରେ ଥିବା ଏନଏଚପିସି ୩.୭୮ କୋଟି, ଏନଟିପିସି ୫୬.୮ କୋଟି ଏବଂ ପିଜିସିଆଇଏଲ ପକ୍ଷରୁ ୨୪.୩୫ କୋଟି ରିହାତି ଦିଆଯାଇଛି । କରୋନା ସମୟରେ ଉପଭୋକ୍ତାମାନଙ୍କ ପାଇଁ ନିରନ୍ତର ବିଦ୍ୟୁତ୍ ସରବରାହ ହୋଇପାରିବା ଲକ୍ଷ୍ୟରେ ଏହି ଆର୍ଥିକ ରିହାତି ଦିଆଯାଇଛି । ଏହା ସତ୍ତ୍ୱେ ରାଜ୍ୟରେ ଅକ୍ଟୋବର ପହିଲାରୁ ବିଜୁଳି ଦର ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି ଲାଗି ଓଡ଼ିଶା ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି)ଙ୍କ ନିଷ୍ପତି ନେଇଛନ୍ତି । ତେବେ କରୋନା ପରିସ୍ଥିତିରେ ଲୋକ ଦୁର୍ଦ୍ଦିନ ଭିତରେ ଥିବା ବେଳେ ବିଦ୍ୟୁତ ଦର ବୃଦ୍ଧି ନିଷ୍ପତି କେତେଦୂର ଯୁକ୍ତିଯୁକ୍ତ ? କରୋନା ସମୟରେ ସରକାରଙ୍କ ଏପରି ନିଷ୍ପତି ଲୋକଙ୍କ ବୋଝ ଉପରେ ନଳିତା ବିଡା ସଦୃଶ ବୋଲି ସେ କହିଛନ୍ତି । ରାଜ୍ୟ ସରକାର ଯେଉଁ ବିତରକ କମ୍ପାନୀ ମାନଙ୍କ ପାଇଁ ସାଧାରଣ ଖାଉଟିଙ୍କୁ ବଳିଦେବାକୁ ଚାହୁଁଛନ୍ତି ସେମାନେ ରାଜ୍ୟ ▶▶ପୃଷ୍ଠା ୭

## ଭୁବନେଶ୍ୱର କୋବିଡ ହସପିଟାଲରେ ୫୩୪ ଆଇସିୟୁ ମଧ୍ୟରୁ ୨୩୪ଟି ଖାଲି

ଭୁବନେଶ୍ୱର,୨୫ା୯ (ନି.ପ୍ର): ଭୁବନେଶ୍ୱରର ବିଭିନ୍ନ କୋବିଡ ହସପିଟାଲରେ ମୋଟ ୫୩୪ଟି ଆଇସିୟୁ ରହି ଥିବା ବେଳେ ବର୍ତ୍ତମାନ ସେଥିରୁ ୨୩୪ଟି ଆଇସିୟୁ ଖାଲି ରହିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ତଥ୍ୟ ଦିଆ ଯାଇଛି। ସେହିପରି ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରରେ ମୋଟ ୧୯୫ଟି ଭେଂଟିଲେଟରରୁ ୧୦୨ଟି ଖାଲି ଅଛି । ସେହିପରି ଭାବେ ଭୁବନେଶ୍ୱରର ବିଭିନ୍ନ କୋବିଡ ହସପିଟାଲରେ ଥିବା ୧୬୧୭ଟି ସାଧାରଣ ବେଡରୁ ୪୧୦ଟି ବେଡ୍ ଖାଲି ରହିଛି ବୋଲି ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରା ଯାଇଛି ।

# ନୂତନ ଗାଁସାଥୀ (ମେଟ୍) ଚୟନ ପାଇଁ ହୋଇଥିବା ଚିଠି ଉପରେ ଲାଗିଲା ହାଇକୋର୍ଟଙ୍କ ରହିତାଦେଶ

ଭୁବନେଶ୍ୱର,୨୫।୯ (ନି.ପ୍ର): ରାଜ୍ୟରେ ମନରେଗାରେ କାର୍ଯ୍ୟରତ ଓଡ଼ିଶାର ଯୁବଶକ୍ତି ପ୍ରାୟ ୬୦,୦୦୦ (ଷାଠିଏ ହଜାର)ରୁ ଉର୍ଦ୍ଧ୍ୱ ଗାଁସାଥୀ (ମେଟ୍) ମାନଙ୍କ ପାଇଁ ଗତ ୨୮.୮.୧୮ରେ ମାନ୍ୟବର ରାଜ୍ୟପାଳ ଓଡ଼ିଶାଙ୍କ ଅନୁମୋଦନ କ୍ରମେ ପଂଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ି.କେ. ସିଂହ ଏକ ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ପ୍ରସ୍ତୁତ କରି ସମସ୍ତ ଜିଲ୍ଲା ପ୍ରଶାସନଙ୍କ ନିକଟକୁ ପଠାଇଲେ। ତଦନୁଯାୟୀ ରାଜ୍ୟରେ ଖାଲିଥିବା 'ମେଟ୍' ପଦବୀ ପୂରଣ, ଗାଁସାଥୀ (ମେଟ୍) ମାନଙ୍କୁ ପର୍ଯ୍ୟାପ୍ତ ପ୍ରଶିକ୍ଷିଣ ଓ ଗାଁସାଥୀ (ମେଟ୍) ମାନଙ୍କର ଏକ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଡ଼ାଟାବେସ୍ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଥିଲା। ଏଯାବତ୍ ଅର୍ଥାତ ସେହି ଚିଠିକୁ ୨ ବର୍ଷ ବିତି ଯାଇଥିଲେ ମଧ ସେହି ୩ଟି ବିନ୍ଦୁ ମଧରୁ କୌଣସିଟି ବି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇନାହିଁ। ଏଥି ସହିତ ସେହି ଚିଠିର ଆଉ ଏକ ସଂଲଗ୍ନ ଚିଠି ନଂ-୯୪୦ ତା ୧୧.୧.୧୯ ଅନୁସାରେ ମାସକୁ ଅତି କମ୍‌ରେ ୧୦ଦିନ ଓ ବର୍ଷକୁ ସର୍ବନିମ୍ନ ୧୦୦ ଦିନର ସରକାରୀ କାର୍ଯ୍ୟ ଉଚତ୍ ପ୍ରାପ୍ୟ ସହିତ ଓଡ଼ିଶାର ସମସ୍ତ ଗାଁସାଥୀ (ମେଟ୍)ମାନେ ନିଶ୍ଚିତ ପାଇବେ ବୋଲି ସ୍ୱଷ୍ଟ କରାଯାଇଥିଲା। ସେହି ଚିଠିକୁ ୨ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ ରାଜ୍ୟରେ ପ୍ରାୟ ୧୦ ପ୍ରତିଶତ ଗାଁସାଥୀ (ମେଟ୍) ବି ଆଜିଯାଏ ସେତକ ପ୍ରାପ୍ୟ ପାଇ ନାହାଁନ୍ତି। ଏପରିସ୍ଥଳେ ୨୦୧୯ ମସିହା ସାଧାରଣ ନିର୍ବାଚନ ପରେ ପ୍ରଥମେ ଶ୍ରମିକ ସଂଘରୁ 'ମେଟ୍' ଚୟନ ଉଦ୍ୟମ ପୂର୍ବକ ଚିଠିକୁ ମାନ୍ୟବର ହାଇକୋର୍ଟ ଓଡ଼ିଶା ରହିତାଦେଶ ପ୍ରଦାନ କଲେ। ପରେ ପରେ ଏହି ଡ଼ି.କେ ସିଂହ ଚିଠି ନଂ-୧୭୧୩୭ ତା ୨୭.୯.୧୯ରେ ଏସଏଚ୍‌ଜି ମାନଙ୍କୁ ସ୍ୱତନ୍ତ୍ର ଭାବେ ମନରେଗାରେ 'ମେଟ୍' ହିସାବରେ ଆଣିବାକୁ ପ୍ରୟାସ କଲେ। ତାହାକୁ ସଂଘ ଆନ୍ଦୋଳନ କରି ବନ୍ଦ କଲା। ଶେଷରେ ଚଳିତବର୍ଷ ମହାମାରୀର ତାଣ୍ଡବ ଓ ବନ୍ୟା ବିପ୍ଳାତ ଅଗଷ୍ଟ ମାସରେ ମହାମହୀମ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରି ଏକ ସ୍ୱତନ୍ତ୍ର ଚିଠି ଓ ଗାଇଡ୍‌ଲାଇନ୍ ବଳରେ ଓଡ଼ିଶାର ସମସ୍ତ ଗ୍ରାମରେ ୨ଜଣ ଲେଖାଏଁ ଏସ୍.ଏଚ୍.ଜି ମହିଳାଙ୍କୁ (ମେଟ୍) ଭାବେ ଆଣିବାର ଉଦ୍ୟମ କଲେ। ତାହାକୁ ସଂଘ ତରଫରୁ ହାଇକୋର୍ଟରେ ବରିଷ୍ଠ ଅଧିବକ୍ତା ବୁଦ୍ଧଦେବ ରାଉତରାୟ ଓ ତ୍ରିଲୋଚନ ନନ୍ଦଙ୍କ ଦ୍ୱାରା ମାମଲା ଦାୟର କରାଯାଇ ବିଭିନ୍ନ ବିନ୍ଦୁରେ ଚିଠିଟିକୁ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ପ୍ରମାଣିତ କରାଗଲା। ମାନ୍ୟବର ହାଇକୋର୍ଟ ଏହା ଉପରେ ରହିତାଦେଶ ପ୍ରଦାନ କଲେ। ଏହାର ପ୍ରମାଣ ଓ ଡ଼ବ୍ଲୁ.ପି.ସି. ନଂ-୨୨୬୮୭/୨୦୨୦। ଚଳିତବର୍ଷ ସେପ୍ଟେମ୍ବର ୧୦ ତାରିଖରୁ ଏହି ଆଦେଶନାମା ହାଇକୋର୍ଟ ପ୍ରଦାନ କରିଥିଲେ ସୁଦ୍ଧା ଏଯାବତ୍ ଏହାର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା କରାନଯାଇ ରାଜ୍ୟ ପ ।ୟତିରାଜ ବିଭାଗ ତରଫରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଇଛି। ଏ ସମସ୍ତ ତ୍ରୁଟି ଓ ଚକ୍ରାନ୍ତ ପାଇଁ ଉତ୍କଳ ସାମ୍ବାଦିକ ଭବନ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଗାଁସାଥୀ ସଂଘ ତରଫରୁ ରାଜ୍ୟ ପଂଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଡ଼ି.କେ ସିଂହଙ୍କୁ ଦାୟୀ କରାଯାଇଛି। ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଂଚାୟତିରାଜ ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସଚିବ ଓ ପରେ ପରେ ପ୍ରମୁଖ ଶାସନ ସଚିବ ଭାବରେ ଶ୍ରୀ ଡ଼ି.କେ ସିଂହ ରହି ନିଜର ଅହଙ୍କାର ଓ ଓଡ଼ିଶାର ଯୁବଶକ୍ତି ପ୍ରତି କାହିଁକି ବୈମାତୃକ ମନୋଭାବପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି ବୋଲି ସଂଘ ତରଫରୁ ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ଗାଁସାଥୀ ସଂଗଠକ ପବିତ୍ର ସୁନ୍ଦରାୟ, କୁଳମଣି ମେଂଟା, ପ୍ରତାପ ମଲ୍ଲିକ, ଶରତ ଗୁଣ୍ଡା ଓ ଅନ୍ୟମାନେ ଗଣମାଧ୍ୟମ ଜରିଆରେ ସ୍ୱଷ୍ଟ ପ୍ରଶ୍ନ କରିଛନ୍ତି। ଏହାର ପ୍ରତିବାଦରେ ଚଳିତ ସେପ୍ଟେମ୍ବର ୩୦ ତାରିଖ ଦିନ ସାରା ଓଡ଼ିଶାର ପିଡ଼ି, ଡ଼ିଆରଡ଼ିଏ ମାନଙ୍କ ଜରିଆରେ ଗାଁସାଥୀମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ନେତା ଓ ୫-ଟି ସଚିବଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଫେରାଦ ହେବେ ବୋଲି ସଂଘ ଜଣାଇଛି। ଏଥି ସହିତ ଚଳିତ ବିଧାନ ସଭାରେ ସେହି ବିଭିନ୍ନ ସଂଘର ଆର୍ଥିକ ଭବିଷ୍ୟତକୁ ନଷ୍ଟ କରୁଥିବା ଚକ୍ରନ୍ତକାରୀ ଆଇ.ଏ.ଏସ୍. ଶ୍ରୀ ଡ଼ି.କେ ସିଂହଙ୍କ ବିରୁଦ୍ଧରେ କିପରି ସ୍ୱତନ୍ତ୍ର ମୋଶନ ଅଣାଯାଇ ପାରିବ, ସେଥିପାଇଁ ବିରୋଧୀ ଓ ଶାସକ ଦଳର ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କୁ ସଂଘ ତରଫରୁ ଗଣମାଧ୍ୟମ ଜରିଆରେ ନିବେଦନ ଜଣାଇ ଦିଆଯାଇଛି।

# ଗୁଣୁପୁର ଉପଜିଲ୍ଲାପାଳଙ୍କ ଦ୍ୱାରା ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା

ଗୁଣୁପୁର,୨୫।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ନୂଆଗାଁ ଠାରେ ଓଡ଼ିଶାର ପ୍ରଥମ ୨୦୦ ଅଣ୍ଡା ପ୍ରଦାନକାରୀ କୁକୁଡ଼ା ଫାର୍ମକୁ ଗୁଣୁପୁର ନୂତନ ଉପଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି । ଏହା ରାଜ୍ୟରେ କରୋନା ସମୟରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କୁକୁଡ଼ା ପାଳନ ନିମନ୍ତେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ପ୍ରୋତ୍ସାହନ ଓ ସହାୟତା ଅଟେ । ଡିପ୍ ଲିଟର ମାଧ୍ୟମରେ ୨୦୦ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ବାବଦରେ ୨ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ସହ ୩୦୦ କୁକୁଡ଼ା ଚିଆଁ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି । ଗୁଣପୁର ବ୍ଲକ ନୂଆଗାଁ ରେ ଓଡ଼ିଶାର ପ୍ରଥମ ଫାର୍ମ ଉଦ୍ଘାଟନ କରାଯାଇଛି । ଏହି ଉଦ୍ଘାଟନରେ ପ୍ରାଣୀସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଜୀବନକୁ ବାଜି ଲଗାଇ ଭରା ନଈ ପାର ହେଉଛନ୍ତି ଅଙ୍ଗନବାଡି ଦିଦି

ମାଲକାନଗିରି,୨୫।୯ (ନି.ପ୍ର): ଜୀବନକୁ ବାଜି ଲଗେଇ ଭରା ନଈଁ ପାର ହୋଇ ଲୋକଙ୍କୁ ସେବା ଯୋଗାଇବାକୁ ଯାଉଥିବା ଦୁଇ ଅଙ୍ଗନବାଡି ଦିଦିଙ୍କ ଅଧମ ସାହସ ଯାହା ସେମାନଙ୍କୁ ପ୍ରଶଂସା ପାତ୍ର କରିଛି ।ମାଲକାନଗିରି ଜିଲ୍ଲାର ସବୁଠାରୁ ଦୁର୍ଗମ ତଥା ଅପହଂଚ ଅଂଚଳ ମଧରେ ଚିତ୍ରକୋଣ୍ଡା ବ୍ଲକ ରାଲେ ଗାଡ଼ା ପଂଚାୟତ ।ଯାହାକି ବର୍ଷା ଦିନରେ ଏହି ପଂଚାୟତ ର ବିଭିନ୍ନ ଗ୍ରାମ ବିଛିନ୍ନ ହୋଇଯାଏ ।ସୁଆପାଲି,ନେରୁଡ଼ି ପାଲି ର ଦୁଇ ଅଙ୍ଗନବାଡି ହେମଲତା ଶୀଶା ଓ ପ୍ରମିଳା ପାନେଲ ଦୁଇ କର୍ମୀମାନେ ପ୍ରଖର ସ୍ରୋତ ଓ ଗଭୀରନାଳକୁ ଖାତିର ନକରି ଲୋକଙ୍କ ସାହାଯ୍ୟରେ ଲାଉ ତୁମ୍ବା ମାଧ୍ୟମରେ ନାଳ ପାର ହୋଇ ଅଙ୍ଗନବାଡି ସେଂଟରରେ ପହଂଚି ଥିଲେ ।ସେମାନଙ୍କ କହିବା ଅନୁସାରେ ପ୍ରତିବର୍ଷ ସେମାନେ ବର୍ଷା ଋତୁରେ ଏପରି କଷ୍ଟସାଧ ଓ ବିପଦପୂର୍ଣ୍ଣ ଯାତ୍ରା କରି ନିଜର ଦାୟିତ୍ୱ ତୁଲାଇ ଥାନ୍ତି । ବର୍ତମାନ କରୋନା ଯୋଗୁଁ କେନ୍ଦ୍ର ବନ୍ଧ ଥିଲେବି ଗର୍ଭବତୀ ମହିଳା ଙ୍କ ସ୍ୱାସ୍ଥ୍ୟ ଯାଂଚ, ପୁଷ୍ଟିକର ଖାଦ୍ୟ ପ୍ରଦାନ ଓ ଗାଁ ଲୋକଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପରି ଗୁରୁଦାୟିତ୍ୱ ଏମାନଙ୍କ ଉପରେ ରହିଛି । ନେରୁଡ଼ିପଲି ନଦୀ ରେ ଏକ ପୋଲ ନିର୍ମାଣ ପାଇଁ ବହୁବର୍ଷ ହେଲା ଅଂଚଳ ବାସୀ ଦାବୀ କରିଆସୁଛନ୍ତୁ । ଏବେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଂଚଳ ରେ ଅନେକ ଗାଁ କୁ ପିଚୁ ରାସ୍ତା ନିର୍ମାଣ ଚାଲିଛି ଏପରିକି କିଛି ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରିଜ ମଧ କରାଯାଉଛି ।

# ମିଞ୍ଜି ମିଞ୍ଜି ହୋଇ ଜଳୁଛି ଷ୍ଟ୍ରିଟ ଲାଇଟ

ମାଲକାନଗିରି,୨୫।୯ (ନି.ପ୍ର): ମୋଟୁ ତହସିଲ ଅନ୍ତର୍ଗତ ବିଭିନ୍ନ ପଂଚାୟତ ସଦର ଓ ଗ୍ରାମ ଗୁଡିକରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାକୁ ବସିଲାଣି। ତେବେ ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନଥିବାରୁ ଅନେକ ସ୍ଥାନରେ ଷ୍ଟ୍ରିଟ ଲାଇଟ୍ ଜଳୁଥିବା ବେଳେ ଆଉ କିଛି ସ୍ଥାନରେ ମିଞ୍ଜି ମିଞ୍ଜି ହୋଇ ଜଳୁଛି। ଏହି ପରିପେକ୍ଷିରେ ପଡିଆ ବ୍ଲକ ର ଏକାଧିକ ପଂଚାୟତ ସମେତ ଏମଭି୭୯ ଗ୍ରାମ ରେ ଲାଗିଥିବା ଏକାଧିକ ଷ୍ଟ୍ରୀଟ ଲାଇଟ୍ ଅଚଳ ହୋଇପଡ଼ିଛି। ଆଉ କେତେକ ସ୍ଥାନରେ ବିଦ୍ୟୁତ୍ ସଂଯୋଗ କଟି ଲାଇଟ୍ ଜଳୁନଥିବା ବେଳେ ପଡିଆ ଆଂଚଳିକ ମହାବିଦ୍ୟାଳୟ ସମ୍ମୁଖରେ ଥିବା ବିଦ୍ୟୁତ୍ ଖୁଂଟ ଭଳି ଏକାଧିକ ସ୍ଥାନରେ ଲାଇଟ୍ ମିଞ୍ଜି ମିଞ୍ଜି ହୋଇ ଜଳୁ ଥିବା ମଧ ଦେଖିବାକୁ ମିଳୁଛି। ଷ୍ଟ୍ରିଟ ଲାଇଟ୍ ସହ ବିଦ୍ୟୁତ୍ ଯୋଗାଣ ରେ ବାଧାପ୍ରାପ୍ତ ଯୋଗୁଁ ସୀମାନ୍ତ ମୋଟୁ ଓ ପଡିଆ ଅଂଚଳରେ ଅନ୍ତରାଜ୍ୟ ଲୁଟେରାଙ୍କ ପ୍ରାଦୁର୍ଭାବ ର ଆଶଙ୍କା ରହୁଥିବା ବେଳେ ଗତ ଦିନରେ ଛୋଟବଡ ଚୋରି ମଧ ହୋଇଛି। ଚଳିତ ବର୍ଷ ଗ୍ରାମାଂଚଳରେ ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ମଧରେ ଅର୍ଦ୍ଧାଧିକ ଅନ୍ଧାରରେ ସାପ ଚୋଟ ଖାଇ ମୃତ୍ୟୁ ବରଣ କରିଥିବା କୁହାଯାଉଛି। ସୂଚନା ମୁତାବକ ମୋଟୁ ତହସିଲ୍ ଅନ୍ତର୍ଗତ ୧୦ ଟି ପଂଚାୟତରେ ଥିବା ବିଭିନ୍ନ ଗ୍ରାମ ଓ ପଂଚାୟତ ସଦର ମହକୁମା କୁ ପଂଚାୟତ ର ସି ଏଫ୍ ସି ପାଣ୍ଠି ଓ ବିଧାୟକ ସ୍ୱତନ୍ତ୍ର ପାଣ୍ଠି ରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଆଲୋକିତ କରାଯାଇଥିଲା। କେବଳ ପଡିଆ ପଂଚାୟତ ରେ ଗତ ବର୍ଷ ଷ୍ଟ୍ରିଟ ଲାଇଟ୍ ପାଇଁ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ବ୍ଲକ୍ ର ବିଭିନ୍ନ ଅଂଚଳକୁ ପ୍ରାୟ ୧୫ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଆଲୋକିତ କରାଯାଇଛି। ଏହାସତ୍ୱେ ଷ୍ଟ୍ରୀଟ ଲାଇଟ୍ ଗୁଡିକ ବିପର୍ଯ୍ୟସ୍ତ ହେବା ସହ ଗ୍ରାମାଂଚଳରେ ରାସ୍ତାଘାଟ ଅନ୍ଧାର ହୋଇ ରହୁଛି । ଏଥିପାଇଁ ପଡ଼ିଆ ଓ ମୋଟୁ ଭଳି ସୀମାନ୍ତ ଅଂଚଳ ରେ ବିପର୍ଯ୍ୟସ୍ତ ଷ୍ଟ୍ରୀଟ ଲାଇଟ୍ ଗୁଡିକ ସଜାଡ଼ିବା ସହ ଗ୍ରାମାଂଚଳରେ ଆଲୋକୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସାଧାରଣରେ ଦାବୀ ହୋଇଛି।

## ବ୍ରାହ୍ମଣୀପାଳ ଠାରେ ବିଜେଡ଼ିର ଦୁଇ ଗୋଷ୍ଠୀ ମଧ୍ୟରେ ମରଣାତ୍ମକ ଆକ୍ରମଣ, ଜଣେ ଗୁରୁତର

ହରିଚନ୍ଦନପୁର,୨୫।୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବ୍ରାହ୍ମଣୀପାଳ ଅଂଚଳରେ ମାତ୍ର କିଛି ଦିନର ନିରବତା ପରେ ପୁଣି ବିଜେଡିର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଅନ୍ୟ ଗୋଷ୍ଠୀର ଦୁଇ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି । ଆକ୍ରମଣର ଶିକାର ହୋଇ ଗୁରୁତର ଆହାତ ଜଣଙ୍କ କଂସ କେନ୍ଦୁଆ ଗ୍ରାମର ବାବୁ ବେହେରା ଓ ଅନ୍ୟ ଜଣଙ୍କ ସେହି ଗ୍ରାମର ଚଟୁ ପାତ୍ର ବୋଲି ଜଣାପଡ଼ିଛି । ଚଟୁ ନିଜର ଜୀବନ ବଂଚାଇବା ପାଇଁ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବା ସୂଚନା ଦେଇଛନ୍ତି । ଖବର ଅନୁଯାୟୀ ଆଜି ଦୁଇ ଗୋଷ୍ଠୀ ମଧରେ ବ୍ରାହ୍ମଣୀପାଳ ନିକଟସ୍ଥ କୁଶେଇ ସେତୁ ଉପରେ ପ୍ରଥମେ ବଚସା ସୃଷ୍ଟି ହୋଇଥିଲା, ପରେ ମାରଣାସ୍ତ୍ରରେ ଆକ୍ରମଣ ହୋଇଥିଲା । ଦୁଇ ଗୋଷ୍ଠୀ ତଥା ରାଜା ଚକ୍ର ଓ ଟୁଟୁ ପାତ୍ର ଗୋଷ୍ଠୀ ମଧ୍ୟରେ ଅନେକ ଦିନ ହେବ ବିବାଦ ଲାଗିରହିଛି । ନିଜର ଆଧିପତ୍ୟ ଜାହିର କରିବା ଉଦ୍ଦେଶ୍ୟରେ ଦୁଇ ଗୋଷ୍ଠୀ ମଧରେ ଏହି ଭଳି ବିବାଦ ଲାଗିରହିଛି । ଗୁରୁତର ଆହତ ବାବୁ ବେହେରାଙ୍କୁ ରାଜା ଚକ୍ର ଗୋଷ୍ଠୀର ପିଲାମାନେ ମରଣାତ୍ମକ ଆକ୍ରମଣ କରିଛନ୍ତି ବୋଲି କହିଛନ୍ତି । ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣା ସମ୍ପର୍କରେ ଖବର ପାଇ ଦୈତାରୀ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

# କରୋନା ରେ ରାଜସ୍ୱ ନିରୀକ୍ଷକଙ୍କ ମୃତ୍ୟୁ

ମାଲକାନଗିରି,୨୫।୯ (ନି.ପ୍ର): ମାଲକାନଗିରି ଜିଲ୍ଲା ମୋଟୁ ତହସିଲ ଅଧୀନରେ କାର୍ଯ୍ୟ କରୁଥିବା ରାଜସ୍ୱ ନିରୀକ୍ଷକ କବିରାଜ ଜେନା କରୋନା ରେ ଭୁବନେଶ୍ୱର ସ୍ଥିତ ରାଜଧାନୀ ହସପିଟାଲରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ପ୍ରାପ୍ତ ସୂଚନା ଅନୁସାରେ କବିରାଜ ଜେନା ମୋଟୁ ତହସିଲରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ସପରିବାରେ ମାଲକାନଗିରି ସଦର ମହକୁମାସ୍ଥିତ ୧୧୯ କଲୋନୀରେ ରହୁଥିଲେ । ସପ୍ତାହ ବ୍ୟାପି ତାଙ୍କୁ ଜ୍ୱର ହେବା ଯୋଗୁଁ ମାଲକାନଗିରି ହସପିଟାଲରେ ଦେହ ଦେଖାଇ ସ୍ୱାବ ପରୀକ୍ଷା କରେଇଥିଲେ ମଧ୍ୟ ତାଙ୍କର କରୋନା ରିପୋର୍ଟ ନେଗେଟିଭ୍ ଆସିଥିଲା କ୍ଷ ମାତ୍ର ଜ୍ୱର ନଛାଡିବାରୁ ସେ ଭୁବନେଶ୍ୱର କୌଣସି ହସପିଟାଲରେ ଚିକିତ୍ସା ଲାଗି ୨୨ ତାରିଖ ଦିନ ସପରିବାରେ ନିଜ ଗ୍ରାମ ନୟାଗଡକୁ ଯାଇଥିଲେ କ୍ଷ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭୀଷଣ ଖରାପ ହେବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ରାଜଧାନୀ ହସପିଟାଲରେ ଭର୍ତି କରାଯାଇଥିଲା । ଗତ କାଲି ରାତିରେ ସେ ଶ୍ୱାସ ପ୍ରଶ୍ୱାସ ନେବାରେ ଯନ୍ତ୍ରଣା ଅନୁଭବ କଲା ପରେ ଦେହାନ୍ତ ହୋଇଯାଇଥିଲା । କବିରାଜ ଜେନା ୧୯୬୭ରେ ନୟାଗଡରେ ଜନ୍ମ ଗ୍ରହଣ କରିଥିଲେ । ସେ ୨୫/୬/୧୯୯୯ ରେ ଅମିନ ଭାବରେ ମାଲକାନଗିରି ଜିଲ୍ଲାରେ ଚାକିରୀରେ ଯୋଗ ଦେଇଥିଲେ । ୨୦୧୧ ମସିହାରେ ରାଜସ୍ୱ ନିରୀକ୍ଷକ ଭାବେ ପଦୋନ୍ନତି ପାଇଥିଲେ । ବର୍ତମାନ ମୋଟୁ ତହସିଲରେ କାର୍ଯ୍ୟରତ ଥିଲେ । ତାଙ୍କର ବିୟୋଗରେ ମୋଟୁ ତହସିଲରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତ ଜେନାଙ୍କ ସହଧର୍ମଣୀଙ୍କ ସହ ଦୁଇ ଜଣ କନ୍ୟା ସନ୍ତାନ ଥିବା ଜଣା ପଡିଛି । ତାଙ୍କର ବଡ ଭାଇ ଦୀନବନ୍ଧୁ ଜେନା ଅବସର ପ୍ରାପ୍ତ ରାଜସ୍ୱ ସୁପରଭାଇଜର । ସାନ ଭାଇ କବିରାଜଙ୍କ ମୃତ୍ୟୁ ଖବର ପାଇ ବଡ ଭାଇ ଦୀନବନ୍ଧୁ ଜେନା ମାଲକାନଗିରିରୁ ଭୁବନେଶ୍ୱର ଅଭିମୁଖେ ସକାଳେ ଯାତ୍ରା କରିଥିବା ସୂଚନା ମିଳିଛି । ତାଙ୍କର ମୃତ୍ୟୁରେ ସଦର ମାଲକାନଗିରି ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସେ ଜଣେ ମେଳାପୀ ଏବଂ ମିଷ୍ଟଭାଷୀ ବ୍ୟକ୍ତି ବିଶେଷ ଥିଲେ ।

# ଡ୍ରାଇଭରକୁ ହୋମଗାର୍ଡ ମାଡ ମାରି ଗୁରୁତର କରିବା ଘଟଣାରେ ଥାନାରେ ଅଭିଯୋଗ

କନ୍ଧମାଳ,୨୫।୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅଂଚଳରେ ଜଣେ ଡ୍ରାଇଭରକୁ ତାଙ୍କ ଗାଡିରେ ସାମାନ୍ୟ ଆଘାତ ଲାଗିବାରୁ ଜଣେ ହୋମଗାର୍ଡ ଡ୍ରାଇଭରକୁ ନିଷ୍ଠୁକ ଭାବରେ ବାରମ୍ବାର ମାଡ ମାରି ଆହତ କରିବା ପରେ ମାଡ ଖାଇଥିବା ଡ୍ରାଇଭରଙ୍କ ପରିବାର ଲୋକେ ଦାରିଙ୍ଗବାଡି ଥାନାରେ ଏହି ସଂକ୍ରାନ୍ତରେ ଅଭିଯୋଗ କରିବାପରେ ଥାନାରେ ତାଙ୍କ ପରିବାରକୁ ଥାନାରେ ମାମଲା ନ କରି ବୁଝାମଣା କରିବାକୁ ଚାପ ପକାଯିବା ପରେ ଡ୍ରାଇଭରଙ୍କ ପରିବାର ଲୋକେ ଫୁଲବାଣୀରେ ଆସି କନ୍ଧମାଳ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । ସୁଚନା ଅନୁସାରେ ଦାରିଙ୍ଗବାଡି ଥାନା ଅଂଚଳରେ ଥିବା ଗୁଞ୍ଜିବାଡି ଗ୍ରାମର ପ୍ରଶାନ୍ତ କୁମାର ପ୍ରଧାନ ଜଣେ ଡାଲା ପିକଅପ ଡ୍ରାଇଭର ସେ ଘଟଣା ଦିନ ଦାରିଙ୍ଗବାଡିରେ ଗାଡି ଚଳାଇବାବେଳେ ତାଙ୍କ ଗାଡି ପାଖ ଦେଇ ଦାରିଙ୍ଗବାଡି ଥାନାରେ ଜଣେ ହୋମଗାର୍ଡ ବାବରେ କାର୍ଯ୍ୟ କରୁଥିବା ରତ୍ନାକର ନାୟକ ତାଙ୍କ ସ୍କୁଟି ନେଇ ସେହି ବାଟରେ ଯାଇଥିଲେ । ରାସ୍ତାରେ ଭିଡ ଥିବାରୁ ରତ୍ନାକରଙ୍କ ସ୍କୁଟି ସହିତ ସାମାନ୍ୟ ଆଘାତ ଲାଗିଥିଲା । ଏଥିରେ ଉତକ୍ଷୀପ୍ତ ହୋଇ ରତ୍ନାକର ଗାଡିରୁ ଓହ୍ଲାଇ ଡ୍ରାଇଭର ପ୍ରଶାନ୍ତକୁ ସେଠାରେ ଗାଡିରୁ ଟାଣି ଆଣିବା ସହିତ ସେଠାରେ ତାଙ୍କୁ ମାଡ ମାରିଥିଲେ । ସେଠାରୁ ପ୍ରଶାନ୍ତ ତାଙ୍କ ଗାଡି ନେଇ ଟେକ୍ସି ଷ୍ଟାଣ୍ଡରେ ଗାଡି ଲଗାଇବା ସହିତ ସେଠାରେ ଥିବାବେଳେ ରତ୍ନାକର ସେଠାରେ ମଧ୍ୟ ପହଂଚି ତାଙ୍କୁ ପୁଣି ମାଡ ମାରିଥିଲେ । ପ୍ରଶାନ୍ତ ତାଙ୍କର ଗାଡିକୁ ମରାମତି କରିଦେବି ବୋଲି କହିବା ସହିତ ମାଡ ନ ମାରିବାକୁ ନେହୁରା ହେଉଥିଲେ ମଧ୍ୟ ରତ୍ନାକର ଶୁଣିନଥିଲେ । ଫଳରେ ପ୍ରଶାନ୍ତ ସଠୋରେ ଗୁରୁତର ହୋଇପଡିଥିଲେ ତାଙ୍କୁ ତାଙ୍କ ପରିବାର ଲୋକେ ଦାରିଙ୍ଗବାଡି ଡାକ୍ତରଖାନାରେ ଭର୍ତି କରାଯାଇଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବା ସହିତ ତାଙ୍କର ନିଶ୍ୱାସ ନେବାରେ କଷ୍ଟ ହୋଇ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଫୁଲବାଣୀ ଡାକ୍ତରଖାନାରେ ଭର୍ତି କରାଯାଇଥିଲା ତେବେ ଏହି ସଂକ୍ରାନ୍ତରେ ତାଙ୍କ ପରିବାର ତରଫରୁ ଦାରିଙ୍ଗବାଡି ଥାନାରେ ଅଭିଯୋଗ ହେବାପରେ ସେଠାରେ ତାଙ୍କୁ ଏହି ମାମଲା ନକରି ବୁଝାମଣା କରିବାକୁ ଚାପ ପକାଯାଇଥିଲା । ଫଳରେ ସେମାନେ ଆଜି କନ୍ଧମାଳ ଅଅରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଏହି ଅଭିଯୋଗ କରିଥିବା ଜଣାପଡିଛି । ତେବେ ଦାରିଙ୍ଗବାଡି ଥାନାରେ ସେମାନଙ୍କ ଭିତରେ ଆପୋଷ ବୁଝାମଣା ହୋଇଥିଲା ସେମାନେ ପୁଣି ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ବୋଲି ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି ।

# ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ୱେବିନାର

ପଟ୍ଟାମୁଣ୍ଡାଇ,୨୫।୯ (ନି.ପ୍ର): ପଟ୍ଟାମୁଣ୍ଡାଇ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଆଇସିଟିରେ ଶିକ୍ଷା ଓ ଶିକ୍ଷାଦାନ ଶୀର୍ଷକ ୱେବିନାର କଲେଜ ଅଧକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଚଂଳିକ ଶିକ୍ଷା ପରିଷଦର ପ୍ରଫେସର ଡ. ରମାକାନ୍ତ ମହାଳିକ ଯୋଗ ଦେଇ ସାଂପ୍ରତିକ ଶିକ୍ଷା ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ୱେବିନାର ଆବାହିକା ଅଧାପିକା ନିବେଦିତା ନାୟକ ସ୍ୱାଗତଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ । ଅଧାପିକା ନିରୁପମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଏଥିରେ ବହୁ ଅଧାପକ/ଅଧପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ମାସ୍କ ପିନ୍ଧନ୍ତୁ, ଘରେ ରୁହନ୍ତୁ : ଜିଲ୍ଲାପାଳ

ପୁରୀ,୨୫।୯ (ନି.ପ୍ର): ପୁରୀ ଜିଲ୍ଲାରେ କରୋନା ସଂକ୍ରମଣ ବଢୁଥିଲେ ମଧ ତାହା ନିୟନ୍ତ୍ରଣାଧିନ ରହିଛି । ୮୦ ପ୍ରତିଶତ ରୋଗୀ ସୁସ୍ଥ ହୋଇ ଫେରିଛନ୍ତି ବୋଲି ଆଜି ଜିଲ୍ଲାପାଳ ବଲବନ୍ତ ସିଂହ ଏକ ଭିଡିଓ ବାର୍ତାରେ କହିଛନ୍ତି । ଜିଲ୍ଲାପାଳ କହିଛନ୍ତି ଯେ, ଜିଲ୍ଲାବାସୀ ଜନଗହଳିପୂର୍ଣ୍ଣ ସ୍ଥାନରେ ମାସ୍କ ପିନ୍ଧନ୍ତୁ ।ସାମାଜିକ ଦୂରତା ରକ୍ଷା କରିବା ସହ ଯେତେଦୂର ସମ୍ଭବ ଘରେ ରୁହନ୍ତୁ । ହୋମ୍ ଆଇସୋଲେସନରେ ରହୁଥିବା ରୋଗୀମାନେ କୋଭିଡ ପରାମର୍ଶ ମାନିବା ସହ ୧୭ ଦିନ ପର୍ଯ୍ୟନ୍ତ ବାହାରକୁ ବାହାରିବେ ନାହିଁ । ଯେଉଁମାନେ ବାହାରକୁ ବାହାରିବା ଅଭିଯୋଗ ଆସିବ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏବେ ଜିଲ୍ଲାରେ ୧୦୦ ଜଣଙ୍କର ଆରଟିପିସିଆର ପରୀକ୍ଷା କରାଯାଉଛି । ଜିଲ୍ଲାରେ ପ୍ରତିଦିନ ୧୨ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ କୋଭିଡ୍ ପରୀକ୍ଷା କରାଯାଉଛି । ଲୋକମାନେ କୋଭିଡ୍ ପରୀକ୍ଷା କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ହୋମ୍ ଆଇସୋଲେସନରେ ଥିବା ସଂକ୍ରମିତ ରୋଗୀମାନେ ଅସୁସ୍ଥ ଅନୁଭବ କଲେ ତାଙ୍କ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତୁରନ୍ତ ଖବର ଦେଲେ ଆମ୍ବୁଲାନ୍ସ ପଠାଯାଇ କୋଭିଡ ହସ୍ପିଟାଲକୁ ଅଣାଯିବାର ବ୍ୟବସ୍ଥା ହୋଇଛି ।

# କୋଭିଡ ରୋଗୀଙ୍କ ମୃତ୍ୟୁ ପରେ ଜେ ପି ଡାକ୍ତରଖାନା ୧ଲକ୍ଷ ୭ହଜାର ଦାବି କରି ଶବ ଛାଡିଲାନି

ରାଉରକେଲା,୨୫।୯ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା ରାଉରକେଲା ରେ ଗଢି ଉଠିଥିବା ଜୟପ୍ରକାଶ ଡାକ୍ତରଖାନା କୁ ନେଇ ବର୍ତମାନ ନାନା କଥା,ଅଭିଯୋଗ ଉଠୁଥିବା ବେଳେ ପଲିଟିକାଲ ଲୋକ ମଧ ଏନେଇ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିସାରିଲେଣି,ଏହାରି ଭିତରେ ଆଜି ଜଣେ ୫୦ବର୍ଷୀୟ ରୋଗୀର ମୃତ୍ୟୁ ପରେ ତାର ପରିବାରକୁ ମୃତ ବ୍ୟକ୍ତିର ଶବ ଦେବା ଲାଗି ଡାକ୍ତରଖାନାରେ ୧ଲକ୍ଷ ୭ହଜାର ବିଲ ପଇଠ କରିବାକୁ କୁହାଯାଇଛି ନଚେତ ଶବ ଦିଆଜିବ ନାହିଁ ବୋଲି ରୋକ ଠୋକ କୁହାଯାଇଥିବା ନେଇ ମୃତକଙ୍କ ଭଣଜା ମନୋଜ ଧାନ୍ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ,୩ଦିନ ତଳେ ତାଙ୍କ ମାମୁଁ ଗଜେନ୍ଦ୍ର ଟପ୍ପୋ (୫୦),ଶୌଚ ହେବାରେ କଷ୍ଟ ପାଇବା ସହ ଖାଇବା ପିଇବା ରେ କଷ୍ଟ ପାଉଥିଲେ । ପରେ ତାଙ୍କୁ କୁତ୍ରାରୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ଅଣା ଯାଇଥିକଲା ।ସେଠାରେ ଜଣା ପଡିଥିଲା କି ସେ ଆଉ ବଂଚିବେ ନାହିଁ ଭାବି ସାମାନ୍ୟ ବିଷ ଖାଇଦେଇଥିଲେ । ସେଠାରେ ତାଙ୍କ ପରିବାର କୁ କୁଆଡେ କୁହାଯାଇଥିଲା, ଅନ୍ୟ ଡାକ୍ତରଖାନାକୁ ନେଇଯାଅ , ସେମାନେ ପାରିବେନି, ଫଳରେ ତାଙ୍କ ପରିବାର ଲୋକେ ଜୟପ୍ରକାଶ ଡାକ୍ତରଖାନାକୁ ଗଜେନ୍ଦ୍ରଙ୍କୁ ଆଣିଥିଲେ । ୩ଦିନ ରହିବା ପରେ ଆଜି ଦିନ ୪ଟାରେ ଗଜେନ୍ଦ୍ରଙ୍କର ମୃତ୍ୟୁ ହେଲା ଓ କରୋନା ଲାଗି ହେଲା ବୋଲି ତାଙ୍କ ପରିବାର ଲୋକଙ୍କୁ ଜଣା ଗଲା ବୋଲି ତାଙ୍କ ଭଣଜା କହିଛନ୍ତି । ଏ ନେଇ ଜୟପ୍ରକାଶ ଡାକ୍ତରଖାନାର ଲୋକ ସଂପର୍କ ଅଧିକାରୀ ଶ୍ୱେତାକେତୁ ଜେନାଙ୍କୁ ତାଙ୍କ ନମ୍ବର ୬୨୯୧୫୯୭୧୬୯ରେ ବାରମ୍ବାର ଯୋଗା ଯୋଗ କରାଯାଇଥିଲେ ବି କୌଣସି ଉତର ମିଳିନଥିଲା । ଜିଲ୍ଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚରା ଜିବାରୁ ସେ କହିଛନ୍ତି ଯଦି କୋଭିଡ ବାହାରିଥିବ ତେବେ ସାଧାରଣ ମୁଲ୍ୟରେ ତାଙ୍କ ଚିକିତ୍ସା ହୋଇଥିବ ଏତେ ଟଙ୍କା କେମିତି ହେଲା ?

# ଡ଼ାକ୍ତରଖାନାରେ ଅଗ୍ନିଶମ ବ୍ୟବସ୍ଥା ଦେଖିବାକୁ ବିଭାଗୀୟ ଅଧିକାରୀଙ୍କ ସମୟ ନାହିଁ

## ଜିଲ୍ଲାର ୩ ବଡ ସରକାରୀ ଡାକ୍ତରଖାନା ସମେତ ପ୍ରାୟ ସମସ୍ତେ ବିନା ଅଗ୍ନିଶମ ବ୍ୟବସ୍ଥାରେ ଚାଲିଛନ୍ତି

ରାଉରକେଲା,୨୫।୯ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ବଡ ବଡ ଡାକ୍ତରଖାନା, ହୋଟେଲ, ମଲ୍ ଗୁଡିକରେ ବର୍ତମାନ ସୁଦ୍ଧା ଫାୟାର ସେଫ୍ଟି ବ୍ୟବସ୍ଥା କରାଯାଇ ପାରିନଥିବା ବେଳେ,ଏହି ବିଭାଗର ଅଧିକାରୀ ମାନଙ୍କର ଏସବୁ ର ତଦାରଖ କରିବା ଲାଗି ସମୟ ହେଉନଥିବା ଖବରମିଳିଛି । ଏଭଳି ପରିପେକ୍ଷିରେ ଜିଲ୍ଲାରେ ଏକ ମାତ୍ର ଡାକ୍ତରଖାନା ଫାୟାର ସେଫ୍ଟିର ସୁବିଧା କରିଥିବା ବେଳେ, ଅନ୍ୟମାନେ ହାତ ବାନ୍ଧି ନୀରବ ହୋଇ ବସିଥିବା କଥାକୁ ଅଗ୍ନିଶମ ବିଭାଗର ରାଉରକେଲା ମୁଖ୍ୟ ବିନୋଦ ସିଂ ସ୍ପଷ୍ଟ କରିପାରିନାହାନ୍ତି । ଯେତେବେଳେ କିଛି ଦୁର୍ଘଟଣା ହୁଏ ସେତେବେଳେ ଆମ ସରକାର ଓ ବ୍ୟବସ୍ଥା ଚେତି ଉଠେ । ଠିକ୍ ସେହି ଭଳି ନିକଟରେ କଟକରେ ଏକ ଡାକ୍ତରଖାନାରେ ଅଗ୍ନିକାଣ୍ଡ ହେବା ପରେ ରାଉରକେଲାରେ ଲୋକେ ବିଭିନ୍ନ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । ସେହି ସବୁ ପ୍ରଶ୍ନକୁ ଆଧାର କରି ଯାଂଚ୍ କରିବାରୁ ଜଣାପଡିଛି ଯେ, ଜିଲ୍ଲାର ଏକ ନମ୍ବର ଡାକ୍ତରଖାନା କୁହାଯାଉଥିବା ଇସ୍ପାତ ଜେନେରାଲ ହସପିଟାଲରେ ଦିର୍ଘ ବର୍ଷ ହେଲା ଅଗ୍ନିଶମ ବ୍ୟବସ୍ଥା ନାହିଁ । ଠିକ୍ ସେହିଭଳି ଜିଲ୍ଲା ସରକାରୀ ମୁଖ୍ୟ ଡାକ୍ତରଖାନା, ରାଉରକେଲା ଆରଜିଏଚରେ ମଧ ଏଯାଏ ଅଗ୍ନିଶମ ବିଭାଗ ଠାରୁ ଏହି ସାର୍ଟିଫିକେଟ ମିଳି ପାରିନାହିଁ । ଏତ ଗଲା ସରକାରୀ ୩ ବଡ ଡାକ୍ତରଖାନା କଥା, ଜିଲ୍ଲାରେ ଅନେକ ବଡ ବଡ ବେସରକାରୀ ଡାକ୍ତରଖାନା ମଧ ରହିଛି ସେମାନେ ବିନା ଅଗ୍ନିସମ ବ୍ୟବସ୍ଥାରେ ତାଙ୍କ କାମ ଚଳାଇଥିଲେ ବି ଏହି ବିଭାଗର ବାବୁ ମାନଙ୍କର ସମୟ ହେଉନି ଏସବୁକୁ ଦେଖିବା ଲାଗି, ଯାଂଚ୍ କରିବା ଲାଗି । ଅନୁସନ୍ଧାନରୁ ଜଣାପଡିଛି ଯେ, ସର୍ବପୁରାତନ ଡାକ୍ତରଖାନା ଆଇଜିଏଚ (ଆରଏସପି ଅଧିନସ୍ଥ)ରେ ଦିର୍ଘ ବର୍ଷ ହେଲା ପୁରାତନ ଅଗ୍ନିଶମ ବ୍ୟବସ୍ଥାରେ କାମ ଚାଲିଥିଲା ଓ ସେମାନଙ୍କୁ ରାଜ୍ୟ ସରକାରଙ୍କ ଡିଏମଇଟି ଏ ନେଇ ଲାଇସେନ୍ସ ପ୍ରଦାନ କରିଥିଲେ । ତେବେ ୨୦୧୭ରେ ଏନେଇ ନୂଆ ନିୟମ ଆସିବା ପରେ ଆରଏସପି ପକ୍ଷରୁ ଏନେଇ ୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତୁତ କରାଜିବାକୁ ନିଷ୍ପତି ହୋଇଛି । ଏଥିଲାଗି ବଜେଟରେ ବ୍ୟବସ୍ଥା ମଧ ହୋଇଛି, କିନ୍ତୁ ଆମ ସରକାରୀ ଅଗ୍ନିଶମ ବାବୁ ମାନଙ୍କୁ ୩ ବର୍ଷ ହେଲା ସମୟ ହେଉନି ସେମାନେ ଟିକେ ଆଇଜିଏଚକୁ ଯାଇ ବୁଲି ସେମାନଙ୍କୁ ପରାମର୍ଶ ଦେଇ ପାରୁ ନାହାନ୍ତି କି କାମ ଆରମ୍ଭ ହୋଇ ପାରୁନାହିଁ ବୋଲି ଖବର ମିଳିଛି । ଅନୁରୂପ ଭାବେ ସୁନ୍ଦରଗଡ ସିଡିଏମଓଙ୍କ କହିବା କଥା, ସୁନ୍ଦରଗଡରେ ଥିବା ପୁରୁଣା ଡାକ୍ତରଖାନାରେ ସମସ୍ତ ଅଗ୍ନିଶମ ବ୍ୟବସ୍ଥା ହୋଇଛି କିନ୍ତୁ ବିଭାଗୀୟ ବାବୁ ମାନେ ଆସି ଦେଖି ନାହାନ୍ତି, ଠିକ ସେହିଭଳି ନୂଆ ବିଲ୍ଡିଂ ରେ କାମ ଚାଲିଛି, ତାକୁ ମଧ ବାବୁ ମାନେ ଆସି ଦେଖି ପାରିନାହାନ୍ତି । ଠିକ ସେହିଭଳି ରାଉରକେଲା ସରକାରୀ ଡାକ୍ତରଖାନାରେ ମଧ ସମସ୍ତ ଅଗ୍ନିଶମ ସରଞ୍ଜାମ ଲାଗି ସାରିଛି, କାମ ମଧ ଚାଲିଛି କିନ୍ତୁ ଅଗ୍ନିଶମ ବିଭାଗର ବାବୁ ମାନେ ତାଙ୍କ ଅଫିସରୁ ମାତ୍ର ୭ କିଲୋମିଟର ଦୂର ଯାଏ ଆସି ଏସବୁ ଦେଖି ପାରିନାହାନ୍ତି ଓ ସେହି କାମକୁ ସରକାରୀ ବିଭାଗୀୟ ମୋହର ମାରି ନାହାନ୍ତି ବୋଲି ଡାଇରେକ୍ଟର କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ,ଏହି ସରକାରୀ ଡାକ୍ତରଖାନାର ୱାନ ଷ୍ଟପ ଓାର୍ଡରେ ୫ ଲକ୍ଷ ୬୪୦୦୦, ଫାର ଫ୍ଲୋର ଇଣ୍ଡୋରରେ ୫ ଲକ୍ଷ ୬୪ ହଜାର, ପୋଷ୍ଟ ନେଟାଲ ୱାର୍ଡରେ ୫ ଲକ୍ଷ ୫୯ ହଜାର, ଫିମେଲ ୱାର୍ଡ ଇଣ୍ଡୋରରେ ୫ ଲକ୍ଷ ୨୩ ହଜାର, ମେଲ ଇଣ୍ଡୋର ୱାର୍ଡରେ ୫ ଲକ୍ଷ ୫୬ ହଜାର, ମେଜର ଓଟିରେ ୫ ଲକ୍ଷ ୧ ହଜାର ଓ ଗାଇନିକ ଇଣ୍ଡୋରେ ୫ ଲକ୍ଷ ୬୪ ହଜାର ଟଙ୍କା ଅଗ୍ନିଶମ ବ୍ୟବସ୍ଥା ଲାଗି ଖର୍ଚ୍ଚ ହୋଇଛି । ମୋଟ ଉପରେ ଏଠାରେ ୩୮ ଲକ୍ଷ ଟଙ୍କା ଖଣିଜ ପାଣ୍ଠିରୁ ଖର୍ଚ୍ଚ ହୋଛି ବୋଲି କଂଗ୍ରେସ ନେତା ରଶ୍ମିରଂଜନ ପାଢୀ କହିଛନ୍ତି । ଯଦି ଏତେ ଟଙ୍କା ଖର୍ଚ୍ଚ ହେଲା ତେବେ ଏଯାଏ ଏମାନଙ୍କୁ ଅଗ୍ନିଶମ ବିଭାଗ କାହିଁକି ଗ୍ରହଣ କରୁନାହିଁ ତାର ତଦନ୍ତ ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି । ଏହାଦ୍ୱାରା ଜିଲ୍ଲାର ୩ ବଡ ଡାକ୍ତରଖାନରେ ଅଗ୍ନିଶମ ବ୍ୟବସ୍ଥା ନାହିଁ ବୋଲି କୁହାଯାଇପାରେ । ଠିକ୍ ସେହିଭଳି ଜିଲ୍ଲାରେ ୧୫ରୁ ଅଧିକ ବଡ ଡାକ୍ତରଖାନା ଓ ବଡ ବଡ ହୋଟେଲରେ ମଧ ସେହି ଅବସ୍ଥା । ଏମାନେ ପ୍ରାୟ କେହି ଅଗ୍ନିଶମ ବ୍ୟବସ୍ଥା କରିପାରି ନଥିବା ଖବର ମିଳିଛି । ରାଉରକେଲାର ସିଭିଲ ଟାଉନରେ ଥିବା ଓମ ଆପୋଲୋ ଡାକ୍ତରଖାନାରେ କିଛି ବର୍ଷ ତଳେ ଅଗ୍ନିକାଣ୍ଡ ଘଟି ଜଣେ ଛୁଆର ମୃତ୍ୟୁ ହୋଇଥିଲା । ସେଠାରେ ମଧ ଏହି ସୁବିଧା ନଥିଲା । ସେତେବେଳେ ଜିଲ୍ଲାପାଳ, ଏସପି, ଅଗ୍ନିଶମ ବିଭାଗ ଏହି ଡାକ୍ତରଖାନାକୁ ସିଲ୍ କଲେ, କିଛି ଦିନ ପରେ ସେ ଡାକ୍ତରଖାନା ପୁଣି ଖୋଲିଲା ଓ ବିନା ଅଗ୍ନିଶମ ବ୍ୟବସ୍ଥାରେ ସମ୍ପ୍ରତି ଚାଲିଥିବାର ଖବର ମିଳିଛି । ତେବେ ଏତେ ସବୁ ପ୍ରଶ୍ନର ଉତର ଲାଗି ଅଗ୍ନିଶମ ବିଭାଗର ମୁଖ୍ୟ ବିନୋଦ ସିଂ ଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ମୁଁ ସମ୍ବଲପୁର ରେଞ୍ଜ୍ ଦାୟିତ୍ୱରେ ଅଛି , ତା ଛଡା କୋଭିଡ୍ କାମରେ ମଧ ଅଛି, ତେଣୁ କିଛି ସମୟ ପରେ ସବୁ କହିବି । ତେବେ ସେକଥା ତ ଆମ ଆରଡିସି ମୋହଦୟଙ୍କୁ ନିଶ୍ଚୟ ଜଣାଥିବ ସେ ସେଠାରେ କେଉଁ ଦାୟିତ୍ୱରେ ଅଛନ୍ତି, କିନ୍ତୁ ତାଙ୍କୁ ଏହି ନ୍ୟୁଜ ଲେଖା ହେବା ଯାଏ ସମୟ ହେଲାନି କି ସେ ଉତର ରଖିପାରିଲେନି ।




ଛତିଶଗଡ଼ର ବିଳାସପୁର ସହର ଓ ଆଖପାଖରେ ବିଳାସପୁର ସହର ଓ ଆଖପାଖରେ ବହୁ ସୁନ୍ଦର ସୁନ୍ଦର ସ୍ଥାନ ରହିଛି ପ୍ରକୃତିପ୍ରେମୀ ଏହି ସବୁ ସ୍ଥାନ ବୁଲି ଦେଖିପାରିବେ । ବଣଭୋଜି କରିବା ଭଳି ଅନେକ ସ୍ଥାନ ମଧ୍ୟ ରହିଛି । ବିଳାସପୁର ଅଞ୍ଚଳରେ ।

**ବିଳାସପୁର, ଛତିଶଗଡ଼ ରାଜ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ସହର, ଯାହା ଐତିହାସିକ, ସାଂସ୍କୃତିକ ଓ ପ୍ରକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସମୃଦ୍ଧ । ଇତିହାସ ପୃଷ୍ଠାରୁ ଜଣାପଡ଼େ ଯେ ରତନପୁରର କଳଚୁରୀ ରାଜବଂଶର ଶାସନ ସେଠାରେ ଥିଲା । କିନ୍ତୁ ମରାଠାମାନଙ୍କ ଶାସନ କାଳ ମଧ୍ୟରେ ଏହି ସହରର ପ୍ରସିଦ୍ଧି ବୃଦ୍ଧି ପାଇଥିଲା । ପର୍ଯ୍ୟଟନ ଦୃଷ୍ଟିରୁ ଏହା ଏକ ଆଦର୍ଶ ବିକଳ୍ପ ।**



### ରତନପୁର :

ଏହି ପ୍ରାଚୀନ ସ୍ଥଳ ତା'ର ପ୍ରାଚୀନ ସଂରଚନା ପାଇଁ ପ୍ରସିଦ୍ଧ । ଏହି ସହରକୁ ରାଜା ରତନ ଦେବ ନିର୍ମାଣ କରିଥିଲେ । ଦର୍ଶନୀୟ ସ୍ଥାନ ମଧ୍ୟରୁ ସେଠାରେ ଥିବା ମହାମାୟା ମନ୍ଦିର ଅନ୍ୟତମ । ମୁଖ୍ୟ ଆକର୍ଷଣ ମଧ୍ୟରୁ ରତନପୁର ଫୋର୍ଟ ରହିଛି । ଏହି ଅଦ୍ଭୁତ କିଲ୍ଲାକୁ ଦେଖିବା ପାଇ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି । ବିଳାସପୁର ସହରରୁ ଏହା ୨୫ କି.ମି ଦୂରରେ ଅବସ୍ଥିତ ।



### ଦେବରାନୀ ମନ୍ଦିର :

ଏହି ମନ୍ଦିରରେ ପ୍ରସ୍ତର ନିର୍ମିତ ଅର୍ଦ୍ଧଭଗ୍ନ ଦେବରାନୀ ମନ୍ଦିର, ଶିବ ମନ୍ଦିର ରହିଛି ଯାହାର ମୁଖ ପୂର୍ବ ଦିଗକୁ ରହିଛି । ମନ୍ଦିରର ପଛ ପାର୍ଶ୍ୱରେ ମନିୟାରୀ ନଦୀ ପ୍ରବାହିତ ହେଉଛି । ସେଠାରେ ଗର୍ଭଗୃହ, ଅନ୍ତରାଳ ଏବଂ ଖୋଲା ସ୍ଥାନଯୁକ୍ତ ଶଙ୍କରା ମୁଖମଣ୍ଡପ ଅଛି । ମୁଖମଣ୍ଡପରେ ପ୍ରବେଶ ଦ୍ୱାରା ଅଛି । ମନ୍ଦିର ସ୍ଥଳୀରେ ହିନ୍ଦୁ ବିଶ୍ୱାସ ଅନୁସାରେ ବିଭିନ୍ନ ଦେବୀ ଦେବତା, ପୌରାଣିକ ଆକୃତି, ପୁଷ୍ପାଙ୍କନ ଏବଂ ବିବିଧ ଜ୍ୟାମିତିକ ଏବଂ ଅଜ୍ୟାମିତିକ ଅଙ୍କନଯୁକ୍ତ ପ୍ରତିମା ଏବଂ ବାସ୍ତୁଖଣ୍ଡ ରହିଛି ।

### ଅଚାନକମାନର ବନ୍ୟଜୀବ ଅଭୟାରଣ୍ୟ :

ପାଖାପାଖି ୫୫୫ ବର୍ଗ କି.ମି କ୍ଷେତ୍ରରେ ବ୍ୟାପ୍ତ ଏହି ଅଭୟାରଣ୍ୟ ବିଭିନ୍ନ ବନସ୍ପତି ଓ ଜୀବଜନ୍ତୁଙ୍କୁ ସୁରକ୍ଷିତ ଆଶ୍ରୟ ପ୍ରଦାନ କରିଥାଏ । ଘନ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ ଏହି ଅଭୟାରଣ୍ୟକୁ ୨୦୦୯ରେ ଏକ ଟାଇଗର ରିଜର୍ଭ ଭାବରେ ଘୋଷଣା କରାଯାଇଥିଲା ।





### ଖୁଣ୍ଟାଘାଟ :

ଖୁଣ୍ଟାଘାଟ ମୁଖ୍ୟତଃ ରିଭର ଡ୍ୟାମ ପାଇଁ ପ୍ରସିଦ୍ଧ । ଏହା ଖାରୁନ ନଦୀରେ ନିର୍ମିତ ହୋଇଛି । ମୁଖ୍ୟ ସହରଠାରୁ ୩୩ କି.ମି ଦୂରରେ ଅବସ୍ଥିତ ଏହା ଏକ ଲୋକପ୍ରିୟ ଡ୍ୟାମ୍ । ବିଳାସପୁର-ଅମ୍ବିକାପୁର ହାଇୱେ ପାର୍ଶ୍ୱରେ ଏହା ଅବସ୍ଥିତ । ଏକ ଲୋକପ୍ରିୟ ପିକ୍‌ନିକ୍ ସ୍ପଟ୍ ହୋଇଥିବାରୁ ସ୍ଥାନୀୟ ନିବାସୀମାନେ ମଧ୍ୟ ସେଠାକୁ ଭ୍ରମଣ ପାଇଁ ଅଧିକ ସଂଖ୍ୟାରେ ଯାଇଥାନ୍ତି ।



### ତାଲାଗାଓଁ :

ବିଳାସପୁର ପର୍ଯ୍ୟଟନ ସ୍ଥଳଗୁଡ଼ିକର ଶୃଙ୍ଖଳାରେ ମୁଖ୍ୟ ସହରଠାରୁ ୩୦ କି.ମି ଦୂରରେ ଅବସ୍ଥିତ ତାଲାଗାଓଁ ଏକ ସୁନ୍ଦର ଗ୍ରାମ, ଯାହା ମନିୟାରୀ ନଦୀ କୂଳରେ ଅବସ୍ଥିତ । ଏହି ସ୍ଥଳ ଦେବରାନୀ-ଜେଠାନୀ ମନ୍ଦିର ପାଇଁ ପ୍ରସିଦ୍ଧ ।



### ଜେଠାନୀ ମନ୍ଦିର :

ଦକ୍ଷିଣାଭିମୁଖୀ ଏହି ମନ୍ଦିର ଭଗବାନ ଶିବଙ୍କୁ ସମର୍ପିତ । ଭଗ୍ନାବଶେଷ ଭାବରେ ଜ୍ଞାନ ସଂରଚନାକୁ ଅନାବୃତ୍ତ କରାଯାଇଛି । ତେଣୁ କେହି ମଧ୍ୟ ଏହାକୁ ଦେଖି ଏହାର ଭୂ- ନିର୍ମାଣ ଯୋଜନା ବିଷୟରେ ଜାଣିପାରିବ । ସମ୍ମୁଖ ଭାଗରେ ଗର୍ଭଗୃହ ଭାଗ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଦିଗପାଳ ଦେବତା ବା ଗଜମୁଖ ଚବୁତରାରେ ନିର୍ମିତ କରାଯାଇଛି । ନିଃସନ୍ଦେହ ତାଲାସ୍ଥିତ ସ୍ମାରକଗୁଡ଼ିକର ଅବଶେଷ ଭାରତୀୟ ସ୍ଥାପତ୍ୟକଳାର ବିଲକ୍ଷଣ ଉଦାହରଣ ।



**କେବେ ଯିବେ :** ବିଳାସପୁରରେ ମହାଦ୍ୱୀପୀୟ ଓ ମନସୁନ ପରି ପାଗ ଦେଖିବାକୁ ମିଳେ । ସେଠାରେ ଗରମ ଦିନେ ଅଧିକ ଗରମ ହୁଏ ଓ ଶୀତ କମ୍ ହୁଏ । ବର୍ଷା ସୀମିତ ମାତ୍ରାରେ ହୁଏ । ତେଣୁ ପର୍ଯ୍ୟଟକମାନେ ଶୀତ ଦିନରେ ସେଠାକୁ ଗଲେ ଉପଭୋଗ କରିପାରିବେ ।
**କିପରି ଯିବେ :** ଆକାଶ ମାର୍ଗରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ବିଳାସପୁରରେ ଥିବା ବିମାନବନ୍ଦର ପର୍ଯ୍ୟନ୍ତ ଯାଇପାରିବେ । ସେଠାରୁ ଟ୍ୟାକ୍ସି ଯୋଗେ ଭ୍ରମଣ ସ୍ଥାନକୁ ଯାଇପାରିବେ । ଦକ୍ଷିଣ ପୂର୍ବ ମଧ୍ୟ ରେଲୱେର ପ୍ରମୁଖ ଷ୍ଟେସନଗୁଡ଼ିକ ମଧ୍ୟରୁ ବିଳାସପୁର ଅନ୍ୟତମ । ରେଲୱେ ଷ୍ଟେସନରୁ ଅଟୋ, ଟାଙ୍ଗା ଦ୍ୱାରା ସହର ମଧ୍ୟକୁ ପହଞ୍ଚି ପାରିବେ ।

## କୋରମା ରାଇସ୍

**ଆବଶ୍ୟକ ସାମଗ୍ରୀ :**
ଦେଢ଼ କପ୍ ଚାଉଳକୁ ୩୦ ମିନିଟ୍ ପାଇଁ ପାଣିରେ ଭିଜାଯାଇ ଛଣାଯିବ, ଘିଅ-୨ ଚାମଚ, ଗୁଜୁରାତି, ଲବଙ୍ଗ, ତେଜପତ୍ର-୨ଟି ଲେଖାଏଁ, ଡାଲଚିନି-୨ ଇଞ୍ଚ, ଲୁଣ-ସ୍ୱାଦ ଅନୁସାରେ, ହଳଦୀ ପାଉଡର-୨ ଚୁଟ୍‌କି, ୧ ଚାମଚ ପୋସ୍ତ ଓ ୩ଟା କାଜୁର ପେଷ୍ଟ ।
କୋରମା ପାଇଁ : ଦେଢ଼ କପ୍ ଗଜାମୁଗ, ଘିଅ-୨ ଚାମଚ, ଅଦା, ରସୁଣ ପେଷ୍ଟ-୧ ଚମେଚ, ଗୁଜୁରାତି-୨ଟି, କଟା ଯାଇଥିବା ପିଆଜ-୧ଟି, ଧନିଆ ଓ ଲଙ୍କା ଗୁଣ୍ଡ-୧ ଚାମଚ ଲେଖାଏଁ, କଟାଯାଇଥିବା ଟମାଟୋ-୧ଟି, କ୍ଷୀର-ଅଧା କପ୍, ଫ୍ରେସ୍ କ୍ରିମ୍-୧ କପ୍, ଲୁଣ-ସ୍ୱାଦ ଅନୁସାରେ । ଅନ୍ୟ ସାମଗ୍ରୀ ଘିଅ-୨ ଚାମଚ, କ୍ଷୀର-୨ ଚାମଚ ।




**ପ୍ରଣାଳୀ :**
ଏକ ନନ୍‌ଷ୍ଟିକ୍ ପ୍ୟାନ୍‌ରେ ଘିଅ ଗରମ କରି ସେଥିରେ ଡାଲଚିନି, ଗୁଜୁରାତି, ଲବଙ୍ଗ ଓ ତେଜପତ୍ର ପକାଇ ମଧ୍ୟମ ଆଞ୍ଚରେ କିଛି ସମୟ ରଖାଯିବା । ସେଥିରେ ଚାଉଳ ପକାଇ ମଧ୍ୟମ ଆଞ୍ଚରେ ୧ ମିନିଟ୍ ପର୍ଯ୍ୟନ୍ତ ଭଜା ହେବ । ଏବେ ତିନି କପ୍ ଗରମ ପାଣି ଢାଳି ଲୁଣ ଓ ହଳଦୀ ମିଶାଇ ଭଲ ଭାବରେ ଗୋଳେଇ ଦିଅନ୍ତୁ । ୧୦ ମିନିଟ୍ ପାଇଁ ଘୋଡ଼େଇ ଦିଅନ୍ତୁ । ଭାତ ହେବା ପରେ ସମାନ ଭାବରେ ତିନି ଭାଗ କରିଦିଅନ୍ତୁ ।

**କୋରମା ପାଇଁ :**
ଅନ୍ୟ ଏକ ପ୍ୟାନ୍‌ରେ ଘିଅ ଗରମ କରି ଅଦା, ରସୁଣ ପେଷ୍ଟ ଓ ଗୁଜୁରାତି ପକାଇ ମଧ୍ୟମ ଆଞ୍ଚରେ ୨ ମିନିଟ୍ ପାଇଁ ଭାଜନ୍ତୁ । ଧନିଆ ପାଉଡର, ଲଙ୍କା ପାଉଡର ଓ ଟମାଟୋ ପକାଇ-୨-୩ ମିନିଟ୍ ଭାଜନ୍ତୁ । ଗଜା ମୁଗ, ଅଧା କପ୍ ପାଣି ଓ ଲୁଣ ମିଶାଇ ଗୋଳେଇ ୫ ମିନିଟ୍ ଆଞ୍ଚ ଉପରେ ରଖି ଏହାକୁ ଅଲଗା କରି ରଖନ୍ତୁ । କାଜୁ, ପୋସ୍ତ ପେଷ୍ଟ, କ୍ଷୀର ଓ ଫ୍ରେସ୍ କ୍ରିମ୍‌କୁ ଏକ ବାଉଲ୍‌ରେ ମିଶାଇ ୨ ମିନିଟ୍ ପର୍ଯ୍ୟନ୍ତ ରନ୍ଧା ଯିବ । କୋରମାକୁ ଦୁଇ ଭାଗରେ ବାଣ୍ଟି ରଖାଯିବ । ଅନ୍ୟ ଏକ ବାଉଲ୍‌ରେ ଘିଅ ଲଗାଇ ଭାତର ଏକ ଭାଗକୁ ମିଶାଇ ଚାମଚରେ ସମାନ କରି ପ୍ରସ୍ତୁତ କୋରମାକୁ ତା' ଉପରେ ପକାଇ ସମାନ ଭାବରେ ଖେଳେଇ ଦିଅନ୍ତୁ । ପୁଣି ଭାତ ଓ କୋରମାକୁ ଆଉ ଏକ ସ୍ତରରେ କରି ସେହିପରି ରଖନ୍ତୁ । ତା' ଉପରେ କ୍ଷୀର ପକାଇ ପ୍ରଥମରୁ ଗରମ ଥିବା ଓଭେନ୍‌ରେ ୧୮୦ ଡିଗ୍ରୀ ତାପମାନରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ବେକ୍ କରନ୍ତୁ । ଏବେ ଗରମ ଗରମ ଖାଇବାକୁ ଦିଅନ୍ତୁ ।

## ଗରମ ପାଣି ବିଳମ୍ବରେ ଗରମ ହୁଏ

ସମସ୍ତେ ଜାଣିଛନ୍ତି ପାଣି ଗରମ କରିବାକୁ ହେଲେ ଉପଯୁକ୍ତ ତାପମାତ୍ରା ସହିତ ଏକ ନିର୍ଦ୍ଦିଷ୍ଟ ସମୟ ବି ଦେଖିବାକୁ ପଡ଼ିଥାଏ । ଆମ ସମସ୍ତଙ୍କର ଧାରଣା ଥାଇପାରେ ଯେ ଗରମ ପାଣିକୁ ଗରମ କଲେ ଶୀଘ୍ର ଗରମ ହୋଇଯାଏ । ତାହା କିନ୍ତୁ ଭୁଲ, ଗରମ ବଦଳରେ ଥଣ୍ଡାପାଣିକୁ ଗରମ କଲେ, ତାହା ଶୀଘ୍ର ଗରମ ହେବା ସହିତ କମ ଜାଳେଣି ବି ଖର୍ଚ୍ଚ ହୁଏ । ଏ ବାବଦରେ ତାଞ୍ଜାନିଆର ଜଣେ ଛାତ୍ର ଗବେଷଣା କରି ଏହାକୁ ପ୍ରକାଶ କରିବା ପରେ ବୈଜ୍ଞାନିକମାନେ ପ୍ରଥମେ ଖଣ୍ଡନ କରୁଥିଲେ ବି ପରେ ସ୍ୱୀକାର କରିଥିଲେ ।



## ଅଣ୍ଡା ଭଲ କି ଖରାପ ଜାଣିବାର ଉପାୟ

ଆମେମାନେ ବଜାରରୁ ବିଭିନ୍ନ ଜିନିଷ କିଣିବା ବେଳେ ଭଲ କି ଖରାପ ଦେଖି କିଣିଥାନ୍ତି । ପୋକା, ପୋଚରା କି ଖରାପ ଜିନିଷକୁ ଛାଡ଼ି ଭଲ ଜିନିଷ କିଣୁଥାଉ । କିନ୍ତୁ ଏମିତି କିଛି ଜିନିଷ ବଜାରରେ ମିଳେ ଯାହା ଦେଖିଲେ ବି ଜାଣିବା ସମ୍ଭବ ହୋଇପାରେ ନାହିଁ । ସେମିତି ଅନେକଥର ବଜାରରୁ ଅଣ୍ଡା କିଣିବା ବେଳେ ଆଖିକୁ ସିନା ଭଲ ଅଣ୍ଡା ଦେଖାଯାଏ ହେଲେ ପରଖିବା ପାଇଁ ସେମିତି କିଛି ମାଧ୍ୟମ ନଥାଏ । ଭଲ କି ଖରାପ ଅଣ୍ଡା ଜାଣିବାକୁ ହେଲେ ତାକୁ ପାଣିରେ ପକାଇଦେଲେ ଜଣାପଡ଼ିଥାଏ । ଯେଉଁ ଅଣ୍ଡା ଖରାପ ତାକୁ ପାଣିରେ ପକାଇଦେଲେ ତାହା ଭାସିଥାଏ । ବାସ୍ତବରେ ଅଣ୍ଡା କେତେଦିନ ତଳର କିମ୍ବା ଠିକ୍ ଅଛିକି ନାହିଁ ଜାଣିବା ପାଇଁ ହେଲେ ପାଣିରେ ବୁଡ଼େଇ ହିଁ ପରୀକ୍ଷା କରାଯାଇପାରେ ।



## ଲଣ୍ଡନରେ ବେଶୀ ଭାରତୀୟ ରେଷ୍ଟୁରା[




ଖାଦ୍ୟ କେବଳ ମଣିଷର ରୁଚି ଅନୁସାରେ ନୁହେଁ ସ୍ୱାଦ ଅନୁସାରେ ବି ଆଦର ରହିଛି । ଯେଉଁ ରେଷ୍ଟୁରାଣ୍ଟରେ ସ୍ୱାଦ ଭଲ, ସେଠାରେ ଗହଳି ଲାଗିଯାଏ । ଯଦି ଦେଖାଯାଏ ବମ୍ବେ କିମ୍ବା ଦିଲ୍ଲୀ ଭଳି ମହାନଗରୀରେ ଯେତିକି ଭାରତୀୟ ରେଷ୍ଟୁରାଣ୍ଟ ନାହିଁ, ତାହାଠାରୁ ଯଥେଷ୍ଟ ଅଧିକ ଲଣ୍ଡନରେ ରହିଛି । ଲଣ୍ଡନରେ ଭାରତୀୟ ଖାଦ୍ୟପଦାର୍ଥର ଯଥେଷ୍ଟ ଆଦର ରହିଛି । ଭାରତୀୟ ରେସିପ ହିଁ ଲଣ୍ଡନରେ ଅଧିକ ଲୋକପ୍ରିୟ । ସେଥିପାଇଁ ମୂଳ ଭାରତୀୟ ତଥା ବାଂଲାଦେଶର ଅଧିକାଂଶ ଲୋକମାନେ ଲଣ୍ଡନରେ ନାମିଦାମୀ ରେଷ୍ଟୁରାଣ୍ଟର ମାଲିକ ବୋଲି ଜଣାପଡ଼ିଛି । ଭାରତୀୟ ଖାଦ୍ୟର ଚାହିଦା ଥିବାରୁ ପ୍ରାୟ ୧୫ ହଜାରରୁ ଅଧିକ ରେଷ୍ଟୁରାଣ୍ଟ ଲଣ୍ଡନରେ ଦେଖିବାକୁ ମିଳିଥାଏ, ଯାହା ମୁମ୍ବାଇ ଭଳି ଭାରତୀୟ ମହାନଗରରେ ଦେଖିବାକୁ ମିଳି ନଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଦ୍ଭୁତ ବ୍ୟବହାର...

ଭାରତ ଓ ଚୀନ ମଧ୍ୟରେ ସଦ୍ୟ ଅନୁଷ୍ଠିତ ଷଷ୍ଠ ପର୍ଯ୍ୟାୟ ବରିଷ୍ଠ କମାଣ୍ଡର ସ୍ତରୀୟ ଆଲୋଚନା ଉଭୟ ଦେଶ ମଧ୍ୟରେ ସୀମାନ୍ତରେ ସୃଷ୍ଟି ଉତ୍ତେଜନାକୁ ହ୍ରାସ କରିବା ଦିଗରେ ସହାୟକ ହେବ ବୋଲି ଆଶା କରାଯାଇପାରେ । ଏହି ଆଲୋଚନା ପରେ ଜାରି ମିଳିଛି ବିବୃତିରେ କୁହାଯାଇଛି ଯେ ଉଭୟ ପକ୍ଷ ବାସ୍ତବ ନିୟନ୍ତ୍ରଣ ରେଖାରେ ଗତ କିଛି ମାସ ଧରି ଉତ୍ପନ୍ନ ଉତ୍ତେଜନାକୁ ହ୍ରାସ କରିବା ଦିଗରେ ପ୍ରୟାସୀ ହେବେ ଏବଂ ସୀମାନ୍ତରେ ଆଉ ଯେପରି ଅଧିକ ସାମରିକ ଉତ୍ତେଜନା ପ୍ରକାଶ ନପାଏ, ସେଥିନିମନ୍ତେ ଯତ୍ନବାନ ହେବେ । ଏଥିସହିତ ଉଭୟପକ୍ଷ ଆସ୍ଥା ଓ ବିଶ୍ୱାସର ବାତାବରଣ ଫେରାଇ ଆଣିବା ଦିଗରେ କାର୍ଯ୍ୟ କରିବେ । ଏଥିପାଇଁ ପରସ୍ପର ମଧ୍ୟରେ ନିୟମିତ ଭାବେ ଯୋଗାଯୋଗର ମାଧ୍ୟମକୁ ଆହୁରି ସୁଦୃଢ଼ କରାଯିବ । ଏଭଳି ବିବୃତ୍ତି ବେଶ୍ ବାସ୍ତବଧର୍ମୀ, କିନ୍ତୁ ତାହା କାର୍ଯ୍ୟରେ ପରିଣତ ହେବା ଆବଶ୍ୟକ । ଲଦାଖ ସୀମାରେ ହେଉ ଅଥବା ଦେମଚୋକ୍ ଉଭୟ ଦେଶର ସେନା ବାସ୍ତବ ସୀମା ସମସ୍ୟା ସଂପର୍କରେ ଦୀର୍ଘ ଦିନରୁ ଅବଗତ । କହିବାକୁ ଗଲେ ଏହି ସମସ୍ୟା ସହ ଏକାଧିକ ପିଢ଼ିର ସୀମା ସୁରକ୍ଷା ଯବାନ ପରିଚିତ ଏବଂ ତାହା ଏଯାବତ୍ ଅସମାହିତ ରହିଛି । ୧୯୫୦ ଦଶକରେ ଉଭୟ ଦେଶ ମଧ୍ୟରେ ଯେଉଁ ବନ୍ଧୁତା ଓ ବିଶ୍ୱାସର ବାତାବରଣ ଲାଗି ପ୍ରୟାସ କରାଯାଇଥିଲା ତାହା ଷାଠିଏ ଦଶକରେ ଫସର ଫାଟି ଯାଇଥିଲା । କାରଣ ପଞ୍ଚଶୀଳ ରାଜିନାମା ସତ୍ତ୍ୱେ ଚୀନ୍ ପଛରୁ ଛୁରିକାଘାତ କରିବା ଭଳି ବିଶ୍ୱାସଘାତକତା ପ୍ରଦର୍ଶନ କରିଥିଲା ଏବଂ ସେଇଥିପାଇଁ ୧୯୬୨ ମସିହାରେ ଏକ ସୀମାଯୁଦ୍ଧ ସଂଘଟିତ ହୋଇଥିଲା । ଏହି ଯୁଦ୍ଧ ପରେ ଚୀନ୍ ଅନେକ ସୀମାନ୍ତରେ ଭାରତ ଠାରୁ ଅଧିକ ସୁବିଧାଜନକ ସ୍ଥିତିରେ ରହିଥିଲା, କାରଣ ଏକାଧିକ ସ୍ଥାନରେ ଚୀନ୍ ସେନା ଭାରତ ସୀମା ଭିତରକୁ ମାଡ଼ି ଆସିଥିଲା । ସେ ଯାହାହେଉ, ଦୀର୍ଘ ବର୍ଷ ପରେ ୧୯୮୧ ମସିହାରେ ଦୁଇ ଦେଶ ମଧ୍ୟରେ ଯେତେବେଳେ କଥାବାର୍ତ୍ତା ପାଇଁ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା, ସେଥିରେ ସ୍ପଷ୍ଟ ଉଲ୍ଲେଖ ଥିଲା ଯେ ସୀମାନ୍ତରେ ଉତ୍ପନ୍ନ ବିବାଦ ପାଇଁ ସାମରିକ ଉତ୍ତେଜନା ସୃଷ୍ଟି ନକରି ଆଲୋଚନା ମାଧ୍ୟମରେ ସେମାନେ ସମାଧାନ ପାଇଁ ଯତ୍ନବାନ ହେବେ । ଏଥିପାଇଁ ପରସ୍ପର ନିକଟରେ ଅଭିଯୋଗ, ଆଲୋଚନା ପାଇଁ ପର୍ଯ୍ୟାପ୍ତ ଅବସର ପ୍ରଦାନ କରାଯିବ । କିନ୍ତୁ ପ୍ରତିଥର ଚୀନ ହିଁ ଏଭଳି ସହମତକୁ ଭଙ୍ଗ କରିଆସିଛି । ଏକତରଫା ଭାବେ କୌଣସି ଅନ୍ତଃରାଷ୍ଟ୍ରୀୟ ସୀମାରେଖାକୁ ବଦଳାଇବା ଅସମ୍ଭବ ବୋଲି ଜାଣି ସୁଦ୍ଧା ଚୀନ୍ ସେଭଳି ପ୍ରୟାସରୁ କେତେବେଳେ ବିରତ ରହିନାହିଁ । ଏହାର କାରଣ ଚୀନର ନୀତି ଓ ଆଦର୍ଶରେ ହିଁ ନିହିତ ରହିଛି । କାରଣ ସେ ଦେଶରେ ନେତୃତ୍ୱ ପରିବର୍ତ୍ତନ ସହ ଏଭଳି ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ । ୧୯୯୦ ଦଶକ ବେଳକୁ ଚୀନର ଆର୍ଥିକ ଅଭିବୃଦ୍ଧି ସହ ତା'ର ରାଜନୈତିକ ପ୍ରତିପତ୍ତି ମଧ୍ୟ ପ୍ରତିବେଶୀ ରାଷ୍ଟ୍ରଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା । ବିଶେଷ କରି ଅନ୍ତଃରାଷ୍ଟ୍ରୀୟ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତର ମର୍ଯ୍ୟାଦାକୁ ଚୀନ୍ ସହଜରେ ଗ୍ରହଣ କରିପାରେ ନାହିଁ । ଏବେ ଭାରତ କେବଳ ଆମେରିକା ନୁହେଁ, ବିଶ୍ୱର ସମସ୍ତ ଶକ୍ତିଶାଳୀ ରାଷ୍ଟ୍ରଙ୍କ ସହ ଯେଭଳି ଭାବେ ଆର୍ଥିକ ଦୃଷ୍ଟିରୁ ଘନିଷ୍ଠ ଏବଂ ରଣନୀତିକ ସଂପର୍କରେର ନିକଟତର ହୋଇଛି ତାହା ଚୀନକୁ ଏକପ୍ରକାର ଏକଘରିକିଆ କରିଦେଇଛି । ତେଣୁ ଦକ୍ଷିଣ ଚୀନ ସାଗରଠାରୁ ନେଇ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପର୍ଯ୍ୟନ୍ତ ସର୍ବତ୍ର ଚୀନ ବିରୋଧରେ ବିଶ୍ୱ ନେତୃତ୍ୱବର୍ଗଙ୍କ ସ୍ୱର ଶୁଭିବାରେ ଆରମ୍ଭ କରିଛି । ଅନ୍ୟପକ୍ଷରେ ଦେଶ ଭିତରେ ସୁଦ୍ଧା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ପ୍ରତି ଚୀନବାସୀଙ୍କ ସମର୍ଥନ ହ୍ରାସ ପାଇଛି । ଆର୍ଥିକ ଦୃଷ୍ଟିରୁ ଏବେ ସମସ୍ତଙ୍କ କୋପ ଦୃଷ୍ଟିରେ ଥିବା ଚୀନ୍ ଏହି ସୁଯୋଗରେ ଭାରତ ଉପରେ ହିଁ ତା'ର ଦାଉ ସାଧି ଚାଲିଛି । ତେଣୁ ଭାରତ ସହ ଏକ ସୀମାଯୁଦ୍ଧର ବାତାବରଣ ସୃଷ୍ଟି କରି ଚୀନ୍ ଅବଶିଷ୍ଟ ବିଶ୍ୱକୁ ଦେଖାଇବାକୁ ପ୍ରୟାସୀ ଯେ ଚୀନ୍ ବିଶ୍ୱର ଅନ୍ୟତମ ମହାଶକ୍ତି । କିନ୍ତୁ ଭାରତ ମଧ୍ୟ ଉତ୍ପନ୍ନ ସ୍ଥିତିରେ ଉଭୟ ଶାନ୍ତି ଓ ଯୁଦ୍ଧପାଇଁ ପ୍ରସ୍ତୁତ ବୋଲି ବେଜିଂ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇସାରିଛି । ଏହାର ମର୍ମକୁ ଉପଲବ୍ଧି କରି ରାଷ୍ଟ୍ରପତି ସି' ସେପ୍ଟେମ୍ବର ୨୨ ତାରିଖ ଦିନ ଜାତିସଂଘ ସାଧାରଣ ପରିଷଦକୁ କରିଥିବା ସମ୍ବୋଧନରେ ପ୍ରତିବେଶୀ ରାଷ୍ଟ୍ରଙ୍କ ସହ ଚୀନ୍ ସଦାବେଳେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ମନୋଭାବ ପୋଷଣ କରିବାକୁ ଆଗ୍ରହୀ ବୋଲି କହିଛନ୍ତି । କିନ୍ତୁ କଥା ଓ କାର୍ଯ୍ୟରେ ଚୀନ ନେତୃବର୍ଗଙ୍କ ଫରକକୁ ଭାରତ ସଦାବେଳେ ସ୍ମରଣ ରଖିବା ଜରୁରି ।

### କବିତା କୋଣାର୍କ

## ସେ ଆସେ...

ଡ. ମନୋରଞ୍ଜନ ବିଷୋୟୀ

ବେଳେବେଳେ
କୁହା ନାହିଁ କି
ବୋଲୋ ନାହିଁ
ସେ ଆସିଯାଏ

ଭଟା ପଡ଼ିଆସୁଥିବା
ସମ୍ପର୍କ ପୁଣି
ଉଚ୍ଛୁଳି ପଡ଼େ
ଢେଉ ଢେଉକା
ଜୁଆର ଭିତରେ

ପୁଣି ଥରେ
ସମ୍ପର୍କର ପୃଷ୍ଠା
ଓଲଟାଇବାକୁ ପଡ଼େ।
ଅସରନ୍ତି ଭାବନାର ଢେଉ
ମନ ଭିତରେ ଚେଇଁ ଉଠେ
କିନ୍ତୁ ଏ ଅସରନ୍ତି
ଭାବନାର ଢେଉ

କୂଳ ଛୁଇଁବା ଆଗରୁ
ମନରେ ହିଁ ମିଳେଇ ଯାଏ
କାରଣ ସ୍ୱପ୍ନଥାଏ
ରାତି ଫେରିଯାଏ

ଆଉ ଫେରିବା ଆଗରୁ
ସ୍ୱପ୍ନ ଓ ବାସ୍ତବତା
ମଧ୍ୟରେ ଥିବା
ବ୍ୟବଧାନର ଦୀର୍ଘତା
ଦେଖାଇ ଯାଏ।


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ


## ଭୁବନେଶ୍ୱର୍ ତୋତେ ଦୁରୁ ଜୁହାର୍

ସୁବାସ କୁମାର ତାରଣିଆଁ



ଓଡ଼ିଶାର ପୁରାତନ ସହରମାନଙ୍କ ମଧ୍ୟରୁ ଭୁବନେଶ୍ୱର ଅନ୍ୟତମ। ତା ୧୩.୦୪.୧୯୪୮ ମସିହାରେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀର ମାନ୍ୟତା ପାଇଲା ପରେ ଏହି ସହରର ଗୁରୁତ୍ୱ ବଢ଼ିବା ସହିତ ଲୋକମାନଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଥିଲା। ସେହିପରି ୨୦୧୫ ମସିହାରେ ସବୁ ସହରକୁ ପଛରେ ପକାଇ ଭୁବନେଶ୍ୱର ଶ୍ରେଷ୍ଠତମ ସହର ଭାବେ ସ୍ମାର୍ଟସିଟିର ମାନ୍ୟତା ପାଇଛି ଯାହା ଆମ ରାଜ୍ୟ ଓ ଦେଶ ପାଇଁ ଗୌରବର ବିଷୟ। ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଭୁବନେଶ୍ୱରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ସେଥିପାଇଁ ଭୁବନେଶ୍ୱରକୁ ମନ୍ଦିର ମାଳିନୀ ସହର କୁହାଯାଏ। ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଦେଶ ଓ ଦେଶ ବାହାରୁ ଭୁବନେଶ୍ୱରକୁ ଆସିଥାନ୍ତି। ଭୁବନେଶ୍ୱରର ଶାନ୍ତ ସରଳ ଓ ସୁନ୍ଦର ପରିବେଶ ସେମାନଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଭୁବନେଶ୍ୱରରେ ଗଢ଼ି ଉଠିଥିବା ସରକାରୀ ତଥା ବେସରକାରୀ ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ଆଗ୍ରହ ଦୃଷ୍ଟିରୁ ଭୁବନେଶ୍ୱରର ଲୋକସଂଖ୍ୟା ଦୃତ ଗତିରେ ବୃଦ୍ଧି ପାଉଛି। କର୍ମନିଯୁକ୍ତି ପାଇଁ ଭୁବନେଶ୍ୱର ଉପଯୁକ୍ତ ସହର ବୋଲି କର୍ମଚ୍ଚରୀମାନେ ମନେ କରନ୍ତି। ଓଡ଼ିଶା ବ୍ୟତୀତ ଅନ୍ୟ ରାଜ୍ୟରୁ ମଧ୍ୟ ଲୋକମାନେ ଆସି ରାଜଧାନୀ ଭୁବନେଶ୍ୱରରେ ସ୍ଥାୟୀ ଭାବରେ ରହିଲେଣି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଭୁବନେଶ୍ୱରରେ ୮ ଲକ୍ଷ ୩୮ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି ଯାହା ଲୋକସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ଅନ୍ୟ ସହର ତୁଳନାରେ ଭୁବନେଶ୍ୱର ସର୍ବାଗ୍ରେ ରହିଛି। କିନ୍ତୁ ବର୍ତ୍ତମାନ କରୋନାକୁ ନେଇ ସମଗ୍ର ବିଶ୍ୱ ଭୟଙ୍କର ପରିସ୍ଥିତି ଦେଇ ଗତି କରୁଥିବା ବେଳେ ଭୁବନେଶ୍ୱରବାସୀ ମଧ୍ୟ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରାୟ ସାତମାସ ଧରି କରୋନା ଆମ ଦେଶ ଭାରତ ସମେତ ଓଡ଼ିଶାରେ ମଧ୍ୟ ଏକ ଅଜଣା ଆତଙ୍କ ସୃଷ୍ଟି କରିଚ୍ଚଲିଛି। ଦେଶରେ ଦୈନିକ ହାରାହାରି ୯୦ ହଜାରରୁ ଅଧିକ ଲୋକ କରୋନା ସଂକ୍ରମଣର ଶିକାର ହେଉଥିବା ବେଳେ ଓଡ଼ିଶାରେ ମଧ୍ୟ ଦୈନିକ ହାରାହାରି ୩୫୦୦ରୁ ୪୦୦୦ ଲୋକ କରୋନା ସଂକ୍ରମଣର ଶିକାର ହେଉଛନ୍ତି ଯାହା ଓଡ଼ିଶାବାସୀଙ୍କ ମନରେ ଭୟ ଓ ଶଙ୍କା ସୃଷ୍ଟି ହେବା ସ୍ୱାଭାବିକ। ବର୍ତ୍ତମାନ ଓଡ଼ିଶାରେ କରୋନା ସଂକ୍ରମଣ ଦୃଷ୍ଟିରୁ ଦେଖିବାକୁ ଗଲେ ସର୍ବାଗ୍ରେ ରହିଛି ଭୁବନେଶ୍ୱର। ଭୁବନେଶ୍ୱରର ପ୍ରତ୍ୟେକ ବସ୍ତି, ପ୍ରତ୍ୟେକ ୱାର୍ଡ଼ ଓ ପ୍ରତ୍ୟେକ ସାହିରୁ ଦୈନିକ ୩୫୦ରୁ ୪୦୦ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି ଯାହା ଭୁବନେଶ୍ୱରବାସୀ ଆଜି ନିଜ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଭିତରେ ଗତି କରୁଛନ୍ତି। କି ଧନୀ, କି ଗରିବ, କରୋନାକୁ ନେଇ ସମସ୍ତେ ଆତଙ୍କିତ। ଏଥିରେ ମନ୍ତ୍ରୀ, ବିଧାୟକ, ସାଂସଦ ଓ କରୋନା ଯୋଦ୍ଧା ମଧ୍ୟ ବାଦ୍ ଯାଇନାହାଁନ୍ତି। ସାଧାରଣ ଜନତାଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଛି। ଏହାରି ମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୨ ଲକ୍ଷ ୧୪ ହଜାର ୬୭୭କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୮୪ ହଜାର ୩୭୨କୁ ବୃଦ୍ଧି ପାଇଛି। ସେହିପରି ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୭୧ ହଜାର ୩୪୧କୁ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୬୮୨କୁ ବୃଦ୍ଧି ପାଇଛି । ବର୍ତ୍ତମାନ ସୁଦ୍ଧା ରାଜଧାନୀ ଭୁବନେଶ୍ୱରରେ ୧୭ ହଜାର ୬୨୦ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୬୪ ଜଣଙ୍କର ମୃତ୍ୟୁ ଘଟିଛି। ଯଦିଓ ଏହାର କୌଣସି ପ୍ରତିରୋଧକ ଟୀକା ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ, ତଥାପି ଯଦି ନିକଟ ଭବିଷ୍ୟତରେ ଏହାର ପ୍ରତିରୋଧକ ଟୀକା ପ୍ରସ୍ତୁତ କରାନଯାଏ, ତେବେ ଏହାର ଭୟଙ୍କର ପ୍ରଭାବ ବହୁଦିନ ପର୍ଯ୍ୟନ୍ତ ଭୁବନେଶ୍ୱରବାସୀଙ୍କ ଉପରେ ପଡ଼ିବ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ କରୋନା ପ୍ରତିରୋଧକ ଟୀକା ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ରାଷ୍ଟ୍ର ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରଖିଛନ୍ତି।

ପ୍ରଥମେ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ପ୍ରବେଶ କରିଥିଲା ମହାମାରୀ କରୋନା। ସମସ୍ତେ ଭାବିଥିଲେ ଅଳ୍ପଦିନ ଭିତରେ ଏହା ଓଡ଼ିଶାରୁ ବିଦାୟ ନେବ ଓ ସବୁକିଛି ଠିକ୍ ହୋଇଯିବ। ମାତ୍ର ସବୁ ଭାବନା ଭୁଲ୍ ପ୍ରମାଣିତ ହୋଇଥିଲା। ସରକାର କରୋନାକୁ ନିୟନ୍ତ୍ରଣ କରିବାକୁ ଯାଇ ଲୋକମାନଙ୍କୁ ଘରେ ରୁହନ୍ତୁ ଓ ସୁସ୍ଥ ରୁହନ୍ତୁ ବୋଲି ଲକ୍‌ଡାଉନ ଓ ସଟ୍‌ଡ଼ାଉନ୍ ବାରମ୍ବାର ଘୋଷଣା କଲେ। ଏହି ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ଦୋକାନ, ବଜାର ଓ ଛକମାନଙ୍କରେ ପୋଲିସ୍ ପଇଁତରା ମାରିଲେ। ଫଳରେ ଲୋକମାନେ ଘରେ ରହିଲେ, ସୁସ୍ଥରେ ରହିଲେ। ହେଲେ ଏହାପରେ ମାସ ପରେ ମାସ ବିତିଚ୍ଚଲିଲା, କୌଣସି ସୁଫଳ ମିଳିଲା ନାହିଁ। ସରକାରଙ୍କ ଘୋଷଣା ମୁତାବକ ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ଛାଡ଼ି, ସ୍କୁଲ୍, କଲେଜ, ଦୋକାନ ବଜାର, ମନ୍ଦିର, ମସଜିଦ୍ ଓ ମଲ୍‌ସବୁ ବନ୍ଦ ରହିଲା। ଏହି ସମୟ ମଧ୍ୟରେ ଲୋକମାନେ ନିଜର ଜୀବନ ଜୀବିକା ହରାଇ ବସିଲେ। ଭୁବନେଶ୍ୱରରେ ଦୋକାନ କରିଥିବା ଲୋକମାନେ ଘରେ ବସିରହିଲେ, ସରକାରୀ ବେସରକାରୀ ତଥା ମଲ୍‌ମାନଙ୍କରେ ଚ୍ଚକିରୀ କରିଥିବା ଲୋକମାନେ ଗାଁକୁ ଫେରିଲେ। ମାସ ମାସ ଧରି ଗାଁରେ ରହିବା ଫଳରେ ସଞ୍ଚିତ ରଖିଥିବା ଅର୍ଥକୁ ଆଣି ପରିବାର ପ୍ରତିପୋଷଣ କଲେ। ଧୀରେ ଧୀରେ ସଞ୍ଚିତ ଥିବା ଅର୍ଥ ସରିବାକୁ ଲାଗିଲା, ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଦୋହଲିଗଲା। କାଲି ଯିଏ ଭୁବନେଶ୍ୱରରେ ମଲ୍‌ରେ କରୁଥିଲା, ଆଜି ନିଜ ଜୀବିକା ପାଇଁ ଗାଁ ରାସ୍ତା କଡ଼ରେ ପରିବା ବିକୁଛି। କାଲି ଯିଏ ନିଜର ଅଭିନୟ ଜରିଆରେ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଥିଲା, ଆଜି ସିଏ ଫଳ ବିକିବାକୁ ବାଧ ହେଉଛି। ନିଜର ପରିବାର ପ୍ରତିପୋଷଣ ପାଇଁ ଲୋକମାନେ ଏହିପରି ପନ୍ଥାକୁ ଆପଣେଇଲେ। ଏହି ମହାମାରୀ ଯୋଗୁ ବିଭିନ୍ନ ପୂଜା ପାର୍ବଣ ବନ୍ଦ ହେବା ଫଳରେ କୌଳିକ ବୃତ୍ତି କରି ପରିବାର ପ୍ରତିପୋଷଣ କରୁଥିବା ଲୋକମାନେ ସେମାନଙ୍କ ଜୀବିକା ହରାଇଲେ, ସେମାନଙ୍କ ପରିବାର ଦୁଃଖ ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ। ସର୍ବୋପରି କହିବାଗୁ ଗଲେ ଯେଉଁ ଲୋକମାନେ ଦିନେ ରୋଜଗାର ଆଶାରେ ଭୁବନେଶ୍ୱରକୁ ଆସୁଥିଲେ, ଆଜି କରୋନା ସଂକ୍ରମିତ ଭୟରେ ଭୁବନେଶ୍ୱରରୁ ପୁଣି ଗାଁ ମୁହାଁ ହେଲେ।

ଦୀର୍ଘ ୭ ମାସରୁ ଉର୍ଦ୍ଧ୍ୱ ସମୟ ଗାଁରେ ରହିବା ଫଳରେ ଅଧିକାଂଶ ଲୋକ ରାଜଧାନୀ ଭୁବନେଶ୍ୱରକୁ ଭୁଲି ଗାଁରେ ଚ୍ଚଷବାସରେ ମନ ଦେଲେ, ନିଜର ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ଉପାୟ ଅବଲମ୍ବନ କଲେ। ପୂର୍ବ ପରି ଆଉ ଭୁବନେଶ୍ୱରରେ ଲୋକଙ୍କ ଗହଳି ଦେଖିବାକୁ ମିଳୁନାହିଁ। କାହିଁକି ନା ଯେଉଁ ଭୁବନେଶ୍ୱରରେ ରାତି ପାହିଲେ ଦଳ ଦଳ ଲୋକମାନେ ଏକାଠି ହୋଇ ସକାଳ ଭ୍ରମଣରେ ବାହରୁଥିଲେ, ସେମାନଙ୍କୁ ଆଉ ଦେଖିବାକୁ ମିଳୁନାହିଁ, ଦିନ ଥିଲା ଏକ ଜରୁରୀ କାମରେ ଭୁବନେଶ୍ୱରର କୌଣସି ଏକ ଅଫିସ୍‌କୁ ଗଲେ ଘଣ୍ଟା ଘଣ୍ଟା ସମୟ ଲାଗୁଥିଲା, ଆସି ସେହି ସବୁ ଅଫସ୍‌ଗୁଡ଼ିକ ଖାଁ ଖାଁ ଲାଗୁଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡ଼ିଦେଲେ ବାକି ସବୁ ଦୋକାନ ବନ୍ଦ ଫଳରେ ଭୁବନେଶ୍ୱରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ଘରର କୌଣସି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଟିଏ ସାରିଯାଇଛି, ତେବେ ସାରା ଭୁବନେଶ୍ୱର ବୁଲି ଆସିଲେ ମଧ୍ୟ କୌଣସି ଜାଗାରେ ମିଳୁନାହିଁ। କରୋନା ମହାମାରୀ ଲୋକମାନଙ୍କ ମଧ୍ୟରେ ଏପରି ଏକ ଭୟର ବାତାବରଣ ସୃଷ୍ଟି କରିଛି ଯେ, ଘରୁ ଗୋଡ଼ କାଢ଼ିବାକୁ ଲୋକମାନେ ସାହସ କରିପାରୁ ନାହାଁନ୍ତି।

ରାତି ପାହିଲେ ଯେଉଁ ଭୁବନେଶ୍ୱରରେ ଦିନେ ରାସ୍ତା ପାର୍ ହେବାକୁ ଅନେକ ସମୟ ଅପେକ୍ଷା କରିବାକୁ ପଡୁଥିଲା, ଆଜି କରୋନା ପ୍ରଭାବରେ ଭୁବନେଶ୍ୱରର ରାସ୍ତା ଶୁନ୍‌ଶାନ୍। ସକାଳୁ ଉଠି କିଏ ନିଜ ବେପାରକୁ ଯାଉଥିଲା, ତ କିଏ ଦୋକାନ ଖୋଲିବାକୁ, କିଏ ମଲ୍‌କୁ ଯାଉଥିଲା ତ କିଏ ଅଫିସ୍, ତ କିଏ ଡ଼ାକ୍ତରଖାନା ଯାଉଥିଲା, କରୋନା ଭୟରେ ସେସବୁ ପୂର୍ବ ଭଳି ଆଉ ଦେଖିବାକୁ ମିଳୁନାହିଁ। ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହୋଟେଲ, ରେଷ୍ଟୁରାଣ୍ଟ ଓ ସପିଂ ମଲ୍‌ର ମାଲିକମାନେ ଏକ ଦୁର୍ଦ୍ଦିନ ମଧ୍ୟ ଦେଇ ଗତି କରୁଛନ୍ତି, ରାଜଧାନୀର ରାସ୍ତା କଡ଼ରେ ବେପାର କରି ଗୁଜୁରାଣ ମେଣ୍ଟାଉଥିବା ଲୋକମାନଙ୍କ ଘରେ ଚୁଲି ଜଳୁନି। ଯଦିଓ ଏଇ ନିକଟରେ ସକରାର ହୋଟେଲ ଓ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ଅନୁମତି ପ୍ରଦାନ କରିସାରିଛନ୍ତି, କିନ୍ତୁ ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ଯେଭଳି ବଢ଼ି ଚ୍ଚଲିଛି, ସେହି ଭୟରେ ହୋଟେଲ ଓ ରେଷ୍ଟୁରାଣ୍ଟରେ କାମ କରୁଥିବା କର୍ମଚ୍ଚରୀମାନେ ଆଉ ଭୁବନେଶ୍ୱରକୁ ଆସିବାକୁ ମନ ବଳାଉନାହାଁନ୍ତି। ଯଦି ଆଉ କିଛି ମାସ କରୋନା ତାର କାୟାବିସ୍ତାର କରିଚ୍ଚଲେ, ତେବେ ସମୟ ଆସିବ ଭୁବନେଶ୍ୱରବାସୀ ଗାଁ ମୁହାଁ ହେବେ ଏବଂ କହିବେ, ଭୁବନେଶ୍ୱର, ତୋତେ ଦୁରୁ ଜୁହାର।


+ କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର
ମୋ : ୮୩୨୮୮୪୦୨୧୪


## ପାଣ୍ଡବାନାଂ ଧନଞ୍ଜୟଃ

ଦୀନବନ୍ଧୁ ନାୟକ



'ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ ।' ଶ୍ରୀଗୀତାର ଦଶମ ଅଧ୍ୟାୟରେ ଶ୍ରୀଭଗବାନ କହୁଛନ୍ତି;- ବୃଷ୍ଣିବଂଶୀମାନଙ୍କ ମଧ୍ୟରେ ମୁଁ ବସୁଦେବ ପୁତ୍ର ବାସୁଦେବ, ପାଣ୍ଡବମାନଙ୍କମଧ୍ୟରେମୁଁ ଧନଞ୍ଜୟ, ଅର୍ଜୁନ ।

କେବେକେବେ ମନରେ ପ୍ରଶ୍ନଉଠେ,- ପାଣ୍ଡବମାନଙ୍କ ମଧ୍ୟରେ ଅର୍ଜୁନଙ୍କୁ କାହିଁକି ବାଛିଲେ ଶ୍ରୀକୃଷ୍ଣ? ଯୁଧିଷ୍ଠିର ଅର୍ଜୁନଙ୍କ ଅପେକ୍ଷା ନିଶ୍ଚିତ ଭାବେ ଅଧିକ ସତ୍ୟନିଷ୍ଠ, ଧର୍ମନିଷ୍ଠ, ନୀତିନିଷ୍ଠ, ଜ୍ଞାନୀ, ସଜ୍ଜନ, ସାଧୁ, ସରଳ,- ଏହିପରି କେତେକେତେ ସୁଗୁଣର ଅଧିକାରୀ। ଭୀମସେନ ତ ଶାରୀରିକ ବଳରେ ଅର୍ଜୁନଙ୍କ ଅପେକ୍ଷା ବହୁଗୁଣ ବଳୀୟାନ । ନକୁଳ ଅର୍ଜୁନଙ୍କ ଅପେକ୍ଷା ବହୁତ ସୁନ୍ଦର । ସହଦେବ ବୁଦ୍ଧି, ବିଚକ୍ଷଣତା, ପୂର୍ବାନୁମାନରେ ବହୁତ ଆଗରେ । ଭଗବାନ ଅର୍ଜୁନଙ୍କୁ କାହିଁକି ପାଣ୍ଡବମାନଙ୍କ ମଧ୍ୟରେ 'ମୁଁ' ବୋଲି କହିଲେ!

ଯୋଗେଶ୍ୱର ଶ୍ରୀକୃଷ୍ଣ ଯୋଗସ୍ଥ ହୋଇ ଏହି ବାଣୀ ଉଚ୍ଚାରଣ କରିଛନ୍ତି; ତେଣୁ ଏହା ସଂପୂର୍ଣ୍ଣ ସତ୍ୟ । ଏହାର କାରଣ ଖୋଜିବାକୁ ହେଲେ ସାଧାରଣ ସମତଳ ଦୃଷ୍ଟି ଅପେକ୍ଷା ଆହୁରିସୂକ୍ଷ୍ମ ଦୃଷ୍ଟି ଦରକାର । ଏହାସାଧୁସନ୍ଥ, ବିଜ୍ଞମାନେ କରିପାରନ୍ତି । ଜଣେସାଧାରଣ ଲୋକ ହିସାବରେ ମୋଟାମୋଟି ଗୋଟିଏ କଥା ମନକୁ ଆସୁଛି ।

ସୁଷମଖାଦ୍ୟ ବାବା ଲାନସଡ୍‌ଡାଏଟ୍ କଥା ଅନ୍ନେବହୁତେ ସମସ୍ତେ ଜାଣନ୍ତି । ଶରୀର ଧାରଣ ନିମନ୍ତେ ଖାଦ୍ୟ ନିହାତିଜରୁରୀ, ପ୍ରାଥମିକ ଜରୁରୀ, ସେଖାଦ୍ୟ ସୁଷମ ହେଲେ ଶରୀର ସୁସ୍ଥ, ସନ୍ତୁଳିତ ସୁନ୍ଦର, ସକ୍ଷମ ରହେ । ଦୈନନ୍ଦିନ ପ୍ରତ୍ୟେକ ବ୍ୟକ୍ତି ଯେଉଁ ଖାଦ୍ୟ ଗ୍ରହଣ କରନ୍ତି, ମୁଖ୍ୟତଃ ସେଥିରେ ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଖଣିଜଲବଣ, ଜୀବନିକା ବା ଭିଟାମିନ୍ ଓ ଜଳରହିଥାଏ । ଶରୀରର ଆକାର ପ୍ରକାର, ଅବସ୍ଥା ଅନୁସାରେ ଏଗୁଡିକରୁ କେଉଁଥିରୁ କେତେ ଦରକାର ଏବଂ ତାହା ଶରୀରର ବୃଦ୍ଧି ଓ ପ୍ରତିରୋଧକ ଶକ୍ତି ପାଇଁ କେତେ ପରିମାଣର ହେବା ଉଚିତ୍; ତାହା ବହୁ ପରୀକ୍ଷା ନିରୀକ୍ଷା କରିବି ଶେଷଜ୍ଞମାନେ ସ୍ଥିର କରିଦେଇଛନ୍ତି । ଏହା ବିଜ୍ଞାନ ସମ୍ମତ । ଏହିଉପାଦାନ ଗୁଡିକରଭାଗମାପ ଏପଟସେପଟ ହୋଇଗଲେ ବା କମ୍‌ବେଶୀ ହୋଇ ଗଲେ, ତାହା ଶରୀରକୁ ଅସୁସ୍ଥ କରିପକାଏ । ଆମ ସମସ୍ତଙ୍କର ପ୍ରାୟତଃ ଏ ଅନୁଭୂତି ରହିଛି ଯେ, ଜିହ୍ୱା ଲାଳସାରେ କୌଣସି ସୁସ୍ୱାଦୁ ଖାଦ୍ୟ - ତାହା ଯେତେବଳଯୁକ୍ତ ହୋଇଥାଉ ପଛକେ-ମାତ୍ରାରୁ ଅଧିକ ହୋଇଗଲେ, ପାଚନ କ୍ରିୟାରେ ଗଣ୍ଡଗୋଳ କରିଦିଏ; ଫଳତଃଶରୀର ଅସୁସ୍ଥ ହୋଇପଡେ । ତେଣୁ ସନ୍ତୁଳିତ ସୁଷମଖାଦ୍ୟ ଶରୀର ନିମନ୍ତେ ହିତକାରୀ ।

ଏବେ ଶ୍ରୀମୁଖବାଣୀକୁ ଫେରିବା - 'ପାଣ୍ଡବାନାଂ ଧନଞ୍ଜୟଃ ।' ଅର୍ଜୁନଙ୍କ ପରେ ଅନ୍ୟ ଭାଇମାନଙ୍କର ସୁଗୁଣ ଗୁଡିକ ସନ୍ତୁଳିତ ଅବସ୍ଥାରେ ରହିଥିଲା । ସେ ଯେପରି ଧାର୍ମିକ, ସେପରି ନୈତିକ; ଯେପରି ନୀତିନିଷ୍ଠ, ସେପରି ସତ୍ୟନିଷ୍ଠ, ଧର୍ମନିଷ୍ଠ, ଯେପରି ବଳଶାଳୀ, ସେପରି କୌଶଳୀ, ଯେପରି ସମରବିଜୟୀ, ସେପରି ସ୍ନେହଶୀଳ, ପ୍ରେମିକ, ଭକ୍ତ, ବଂଧୁବତ୍ସଳ । ରୂପଟି ଯେପରି ସୁନ୍ଦର, ଗୁଣଗୁଡିକ ସେପରି ଉତ୍କୃଷ୍ଟ । ଏଥିପାଇଁ ଅର୍ଜୁନଙ୍କୁ ଶାସ୍ତ୍ରମାନଙ୍କରେ 'ଦ୍ୱିତୀକୃଷ୍ଣ' କୁହାଯାଏ । କହିବାକୁଗଲେ, ତାଙ୍କର ସନ୍ତୁଳିତ ବ୍ୟକ୍ତିତ୍ୱ ଥିଲା । ସମ୍ଭବତଃ, ଏଇଥିପାଇଁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପାଣ୍ଡବମାନଙ୍କ ମଧ୍ୟରେ 'ମୁଁ' ବୋଲି କହିଛନ୍ତି ।

ମହାଭାରତର ବର୍ଣ୍ଣନାରୁ ମିଳେ ଯେ, ପଂଚପାଣ୍ଡବ ପୃଥକ୍ ପୃଥକ୍ ଶରୀର ଧାରଣ କରିଥିଲେ ମଧ୍ୟ ସେମାନଙ୍କର ଆତ୍ମା ଏକ ଥିଲା । ଏକ ଆତ୍ମା, ଏକ ଧର୍ମ, ଏକ ବିଶ୍ୱାସ, ଏକ ଉଦ୍ୟମ, ସେମାନଙ୍କୁ କେତେକେତେ ମହାବିପତିରୁ ରକ୍ଷାକରିଛି । ତାହା ପ୍ରାଞ୍ଜଳଭାବେ ମହାଭାରତରେ ବର୍ଣ୍ଣିତ ହୋଇଅଛି ।

କିନ୍ତୁ, ଶାସ୍ତ୍ରପୁରାଣର ଚରିତ୍ର, ଘଟଣା ଗୁଡିକୁ ପଢି କେବଳ ମନୋରଞ୍ଜନ କଲେ, ଲାଭ କଣ? ଏହି ଉତମଶିକ୍ଷା ଗୁଡିକୁ ବର୍ତ୍ତମାନ କ'ଣ ଆମ ସମାଜରେ ଆମେ ପ୍ରଚଳନ କରି ପାରିବା ନାହିଁ?ସେ ଯୁଗ ଅପେକ୍ଷାବର୍ତମାନ ତ ବହୁ ବୈଜ୍ଞାନିକ ସାଧନ ସହଜରେ ଉପଲବ୍ଧ! -ଏହାର ଉତ୍ତର 'ହଁ' ହେବ । କିନ୍ତୁ ଗୋଟିଏ ବିରାଟ ପ୍ରଶ୍ନ ଏଇଠି ଉଠେ ଯେ 'କିଏ? କିଏଏହିଗୁଡିକୁ ପ୍ରଚଳନ କରିବ!' ଉତ୍ତର ଆସିବ - 'ଆମେ'; ଆମେ ଅର୍ଥାତ୍ ମୁଁ ଓ ଆପଣମିଶିକରି ଆମେ କହୁଛେ । ମୁଁ ଓ ଆପଣମିଶିକରି ଏକ ସଂକଳ୍ପ, ଏକ ଲକ୍ଷ୍ୟ, ଏକ ବିଶ୍ୱାସ, ଏକ ଉଦ୍ୟମକରିବା । ଯଦି ଆପଣକଲେ, ମୁଁକଲି ନାହିଁ ବା ମୁଁ କଲି ଆପଣ କଲେ ନାହିଁ, ତାହାହେଲେ ସବୁ ନିଷ୍ଫଳ ହୋଇଯିବ ।

ଏହି ମହାନ୍‌କର୍ମଟିକୁ କରିବାକୁ ହେଲେ, ପାଣ୍ଡବମାନଙ୍କ ପରି ଆମ ମାନଙ୍କର କୁନ୍ତୀମାତା ଥିବା ଦରକାର। କୁନ୍ତୀ ଯେପରିତାଙ୍କର ପାଂଚୋଟି ପୁତ୍ରଙ୍କୁ ସତ୍‌ଶିକ୍ଷା ଦେଇ ସେମାନଙ୍କର ଉଜ୍ଜ୍ୱଳ ବଜ୍ରଦୃଢ଼ ଚରିତ୍ରଗଢି ଦେଇଥିଲେ, ସେହିପରି ଆମସମାଜ ପାଇଁ, ଉଜ୍ଜ୍ୱଳ ସମାଜ ପାଇଁ ପ୍ରତ୍ୟେକ ମାତା ତା'ର ସନ୍ତାନଙ୍କୁ ଉପଯୁକ୍ତକରିବାକୁହେବ । ଏହା ମାତୃସମାଜ ପାଇଁ ଏକ ବିରାଟ ଆହ୍ୱାନ । କେବଳସ୍ନେହ, ମମତା, ଆଦର ଦେଇ ଯାହା ମାତାମାନଙ୍କର ସନ୍ତାନ ପ୍ରତି ସ୍ୱାଭାବିକ ଦାନ, ଅଟକି ଗଲେ ଭବିଷ୍ୟତର ପଂଚପାଣ୍ଡବ ଗଢି ପାରିବେ ନାହିଁ ।

କେବଳମା' ନୁହଁନ୍ତି, ପତ୍ନୀମାନଙ୍କର ଦାୟିତ୍ୱ ଆହୁରି ଅଧିକ । ସେମାନେ ସନ୍ତାନମାନଙ୍କୁ ଉପଯୁକ୍ତ ଶିକ୍ଷାଦେଇ ଭବିଷ୍ୟତର ସୁନାଗରୀକ ଗଢିବା ସଂଗେସଂଗେ ପତିମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ, ପ୍ରେରଣା, ସମାଧାନ ଯୋଗାଇ ଦେଇ ତାଙ୍କର କର୍ତବ୍ୟ ପାଳନ କରିବା ଉଚିତ୍ । ତାହାହେଲେ, ଆମର ସମାଜ ଏକ ଆଦର୍ଶ ସମାଜରେ ପରିଗଣିତ ହୋଇପାରିବ ।


+ ସା :ତରାପୁର, ପୋ.ଅ.: ଲକ୍ଷ୍ମୀନଗର
ଜିଲ୍ଲା : ଯାଜପୁର
ମୋ : ୯୮୬୧୦୩୪୧୬୩


### କବିତା କୋଣାର୍କ

## ଶୋଷିଲା ସମୁଦ୍ର କରୋନା..



ସୁଜାତା ଭୋଇ

ଶୁଣିଥିଲି ବିଚ୍ ରାସ୍ତାରେ
ହଜିଯାଉଥିବା ସମୁଦ୍ରମାନେ
ଖୁବ୍ ଶୋଷିଲା...!

ଆହୁରି ଶୋଷିଲା
ଶୈବାଳମାନେ, ଶାମୁକା ମାନେ,
ଆଖି ପିଛୁଳାକେ
ହାଜିର ହେଉଥିବା ଢେଉ,
ଏକୁଟିଆ ପଣରେ ସୃଷ୍ଟି ହେଉଥିବା
ତରଙ୍ଗ ମାନେ...

ନୀରବ କୋହରେ
ସଜ ହେଉଥିବା ସୁନାମି ଯେ'
ଖୋଜେ ଦିଗବଳୟ
ଅନ୍ଧାରକୁ ଠେଲିବ କିପରି?
ତା' ପରି ଶୋଷିଲା
ନ ରହନ୍ତୁ କେହି....

ଲିଭି ନ ଯାଉ କାହାରି ପାଦଚିହ୍ନ
ସୁନ୍ଦରା ଫାଟିବ ଆଗରୁ
ଉଜୁଡା ସମ୍ପର୍କସବୁ
ଲୁଚେଇଦେବ ନିରାପଦରେ।

ଅସରନ୍ତି ରାସ୍ତା ଭିତରେ କେବେ
ଛାଇଟିଏ ପାଇନି
ପାଇନି ରାସ୍ତାରେ ଭିଜାମାଟିର ବାସ୍ନା,
କହିଲେ ହେବ
ତା ଯିବା ଆଗରୁ
କେବେ ରାସ୍ତା ଭିଜିନି...
ପାଇଛି କେବଳ ଶୋଷ ଓ
ଢେର୍ ସାରା ଶୋଷ।

ସମୁଦ୍ର ପରା!
କାହିଁକି ଶୋଷିଲା ବିତିଲା ତା'
ତମାତମ ଜୀବନ
ସମୁଦ୍ରକୁ କି ପାଣି ନିଅଣ୍ଟ ଥିଲା ଯେ'!
ନିଅଣ୍ଟ ତ ଥିଲା ଦଲକାଏ
ବିନ୍ଦାସ ପବନ।


+ ବଡମାଳ(ଡୁଙ୍ଗୁରୀ), ବରଗଡ଼
sujatabhoi45@gmail.com


## ଏକାନ୍ତ ବାସ...



ଡ. ମଙ୍ଗଳିକା ମହାପାତ୍ର

ଏକାନ୍ତ ବାସର
ଏକାନ୍ତ ମୁହୂର୍ତ୍ତଗୁଡିକରେ
ନୀରବତାରେ, ଅଶାନ୍ତ ମନ ଭିତରେ
ବହୁତ ଗୁଡ଼ିଏ ଅସମାହିତ

ପ୍ରଶ୍ନ ଉଙ୍କିମାରେ
ଯାହାର ଉତ୍ତର ଖୋଜାବାରେ
ମନ ଝୁରେ
ଉତ୍ତର ତ ଆସେ ଏକାଧିକ
ମନକୁ ବୁଝେଇବାରେ

ସମୟ ଯାଏ ଅନେକ
ମନ ଚାହେଁ ଯାହା ଶୁଣିବାକୁ ଉତ୍ତର
ବୋଧହୁଏ ତାହା
ଜରୁରୀ ନୁହେଁ ଏ ଜୀବନର
ଯେବେ ଏପରି ମୁହୂର୍ତ୍ତଗୁଡିକ
ଜୀବନରେ ଆସେ

ସେବେ ନିଜ ହୃଦୟକୁ ସମର୍ପି ଦିଅ
ମହାବାହୁଙ୍କ ପାଶେ
ସେ ତାଙ୍କ ବାହୁପ୍ରସାରି
ଆବୋରି ନେବେ
ସବୁ ଦୁଃଖକୁ ତାଙ୍କ

ସ୍ନେହ ସ୍ପର୍ଶରେ ଭିଜାଇ ଦେବେ
ସେବେ ତୁମେ ପାଇଯିବ
ସବୁ ପ୍ରଶ୍ନର ଉତ୍ତର
ତେବେ ସବୁ କଷ୍ଟ
ଲାଘବ ହେବ ତୁମର

# ବାନ୍ଧନୀ ଓ ପାଟନ ପଟୋଲା ଶାଢ଼ିର ଫ୍ୟାସନ୍



ବାନ୍ଧନୀ ପ୍ରିଣ୍ଟର ଶାଢ଼ି ଓ ଡ୍ରେସ୍‌ର ଫ୍ୟାସନ ଏହି ସମୟରେ ଖୁବ୍ ଚାଲିଛି । ରଙ୍ଗିନ ଛୋଟ ଛୋଟ ପ୍ରିଣ୍ଟର ଶାଢ଼ି ଓ ଓଢ଼ଣି ନିଶ୍ଚିତ ଭାବରେ ଦେଖିଥିବେ । ଏହାକୁ ବାନ୍ଧନୀ ପ୍ରିଣ୍ଟ କୁହାଯାଏ । ଗୁଜରାଟ ଓ ରାଜସ୍ଥାନର ପାରମ୍ପରିକ ଷ୍ଟାଇଲ ଆଜିକାଲି ସବୁ ସ୍ଥାନର ମହିଳାମାନେ ପସନ୍ଦ କରୁଥିବାର ଦେଖାଯାଉଛି । ସେଲିବ୍ରିଟିମାନେ ମଧ ଏହି ପ୍ରିଣ୍ଟର ଡ୍ରେସ୍‌ରେ ନଜର ଆସନ୍ତି । ବର୍ତ୍ତମାନ ସମୟରେ ଏହି ପ୍ରିଣ୍ଟ ଲାଟେଷ୍ଟ ଟ୍ରେଣ୍ଡ ହୋଇଗଲାଣି । କେବଳ ବାନ୍ଧନୀ ନୁହେଁ, ଅନ୍ୟ ଏକ ବିଶେଷ ପ୍ରକାରର ପ୍ରିଣ୍ଟର ଶାଢ଼ି ବା ଡ୍ରେସ୍ ମଧ ସମସ୍ତେ ପସନ୍ଦ କରୁଛନ୍ତି, ତାହା ହେଲା ପାଟନ ପଟୋଲା ଶାଢ଼ି ।





♦ପଟୋଲା ଶାଢ଼ିର ବିଶେଷତ୍ୱ ହେଲା ଏହାର ଦୁଇଟି ଯାକ ପାର୍ଶ୍ୱରୁ ପିନ୍ଧି ହେବ । ଏହାର ସିଧା ଓ ଓଲଟା ଗୋଟିଏ ପ୍ରକାରର । ଏହି କାରଣ ପାଇଁ ଏହାକୁ ଡବଲ୍ ଇକତ କୁହାଯାଏ । ଡବଲ ଇକତ (ଏକା ଭଳି) ସୂତାର ଲମ୍ବା ଓ ଚଉଡ଼ାକୁ କ୍ରସ୍ କରି ବୁଣାଯାଏ, ଯାହାଦ୍ୱାରା ଏହାର ସିଧା ଓ ଓଲଟା ମଧ୍ୟରେ ପାର୍ଥକ୍ୟ ଜଣା ପଡ଼େନାହିଁ ।

♦କୁହାଯାଏ ସେ ସୋଲଙ୍କି ବଂଶର ରାଜା କୁମାରପାଳ ମହାରାଷ୍ଟ୍ରର ଜଲନା ବାହାରରୁ ୭୦୦ ବୁଣାକାରଙ୍କୁ ପାଟନରେ ରହିବାକୁ କହିଥିଲେ । ସେ ସମୟରେ ରାଜା ବିଶେଷ ଅବସରରେ ପଟୋଲା ସିଲ୍‌କର ପଟ୍ଟା ପିନ୍ଧୁଥିଲେ । ବର୍ତ୍ତମାନ ସମୟରେ ପାଟନରେ କେବଳ ତିନିଜଣ ଏପରି ପରିବାର ଅଛନ୍ତି ଯେଉଁମାନେ ଅରିଜିନାଲ ପାଟନ ପଟୋଲା ଶାଢ଼ିର କାରବାର କରୁଛନ୍ତି ।

♦ଏହି ଶାଢ଼ିର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏହାର ରଙ୍ଗ କେବେ ମଧ ହାଲୁକା ହୁଏନାହିଁ । ପଟୋଲା ଶାଢ଼ିରେ ନର୍ତ୍ତକୀ, ହାତୀ, ଘୋଡ଼ା, ଓସ୍ତ ପତ୍ର, ଶୁଆ ଇତ୍ୟାଦି ଆକୃତିର ଡିଜାଇନ କରାଯାଇଥାଏ ।

♦ଗୁଜରାଟରେ ବାନ୍ଧନୀ ପ୍ରିଣ୍ଟ ସହିତ ପଟୋଲା ଶାଢ଼ିକୁ ମହିଳାମାନେ ବେଶି ପସନ୍ଦ କରନ୍ତି । ଏହି ପ୍ରିଣ୍ଟର ଇତିହାସ ଅନେକ ପୁରୁଣା । ପଟୋଲା, ଗୁଜରାଟର ଏକ ପ୍ରକାରର ରେଶମୀ ଶାଢ଼ି, ଯାହାକୁ ବୁଣିବା ପୂର୍ବରୁ ନିର୍ଦ୍ଧାରିତ ସ୍ଥାନରେ ଗଣ୍ଠି ବାନ୍ଧି ରଙ୍ଗ ଦିଆଯାଏ । ଗୁଜରାଟର ଟ୍ରେଡମାର୍କକୁ ପଟୋଲା ଶାଢ଼ି ତିଆରି କରିବ । ପ୍ରଣାଳୀ ପାଇଁ ଦାମୀ ବୋଲି କୁହାଯାଏ । ଏହି ଶାଢ଼ି ବା ଡ୍ରେସ୍‌କୁ ତିଆରି କରିବା ପାଇଁ ବ୍ୟବହାର କରାଯାଉଥିବା ରେଶମୀ ସୂତା କର୍ଣ୍ଣାଟକ ବା ପଶ୍ଚିମ ବଙ୍ଗରୁ କିଣାଯାଏ । ଏହି ସୂତା ଦ୍ୱାରା ଶାଢ଼ିର ଚମକ ଅନେକ ଗୁଣ ବଢ଼ିଥାଏ ।

# ସମଲିଙ୍ଗୀ ପଶୁ-ପକ୍ଷୀ !





ପଶୁ-ପକ୍ଷୀମାନେ ମଧ୍ୟ ସମଲିଙ୍ଗୀ ପ୍ରବଣ ହୋଇପାରନ୍ତି । ସମଲିଙ୍ଗୀ ପ୍ରବଣତା ଥିବା ପ୍ରାୟ ପାଞ୍ଚ ଶହ ପ୍ରଜାତିର ପଶୁ-ପକ୍ଷୀଙ୍କୁ ପ୍ରାଣୀବିଜ୍ଞାନୀମାନେ ଚିହ୍ନଟ କରିଛନ୍ତି । ମଣିଷର ନିକଟତର କହାଯାଉଥିବା ବୋନୋବୋକ୍ ବାନଙ୍କ ମୁକ୍ତ ଓ ଅବାଧ ଯୌନ-କ୍ରିୟା ଦେଖି ବିଜ୍ଞାନୀମାନେ ବିସ୍ମିତ ହେଇଛନ୍ତି । ଏହି ଶାନ୍ତିପ୍ରିୟ ପ୍ରାଣୀ ଅଯଥା ଲଢ଼େଇ-ଝଗଡାରେ ନ ମାତି ଶରୀରକୁ ଉପଭୋଗ କରିବା ଉପରେ ଗୁରୁତ୍ୱ ଦିଅନ୍ତି । ଦୈହିକ ଉପଭୋଗର ଆନନ୍ଦ ନିଅନ୍ତି । ଏହି ପ୍ରଜାତିର ସ୍ତ୍ରୀ ପ୍ରାଣୀଙ୍କ ମଧ୍ୟରେ ସମଲିଙ୍ଗୀ ଯୌନ-ସଂପର୍କ ଅତି ସାଧାରଣ । ସ୍ତନ୍ୟପାୟୀ ସାମୁଦ୍ରିକ ଜୀବ ବୋତଲ-ନାକିଆ ଡଲଫିନ୍ ମଧ୍ୟ ସମଲିଙ୍ଗୀ । ଏହି ପ୍ରଜାତିର ପୁରୁଷମାନେ ନିଜ ନିଜ ଭିତରେ ଏପରିକି ମୁଖ-ମୈଥୁନ ମଧ୍ୟ କରନ୍ତି । ଅନ୍ୟ ସାମୁଦ୍ରିକ ପ୍ରାଣୀଙ୍କ ଭିତରେ ଧୂସର ତିମି ଏବଂ ୱାଲରସ୍‌ଙ୍କମାନେ ସମଲିଙ୍ଗୀ ସଂପର୍କ ସ୍ଥାପନ କରନ୍ତି । ଏହି ପୁରୁଷ ୱାଲରସ୍‌ମାନେ ଯୁଗ୍ମ ଅବସ୍ଥାରେ ପାଣିରେ ଶୁଅନ୍ତି । ଆମେରିକାରେ ଦେଖାଯାଉଥିବା ବଣ-ମହିଷ କ୍ଷେତ୍ରରେ ମଧ୍ୟ ଏହା ସାଧାରଣ । ଏହି ପ୍ରଜାତିର ମହିଷୀମାନେ ବର୍ଷରେ ମାତ୍ର ଥରଟିଏ ମହିଷ ସହ ମିଳିତ ହେଉଥିବାରୁ, ମହିଷମାନେ ବର୍ଷ ତମାମ ସମଲିଙ୍ଗୀ ଯୌନ-କ୍ରୀଡ଼ା କରନ୍ତି । ଅନ୍ୟ ତୃଣଭୋଜୀଙ୍କ ମଧ୍ୟରେ କେତେକ ପ୍ରଜାତିର ହରିଣର, ଜିରାଫ୍ ଏବଂ ମାକାକୁ ବାନର ଏଭଳି ଅସ୍ୱାଭାବିକ ସଂପର୍କ ରଖନ୍ତି । ପକ୍ଷୀଙ୍କ ଭିତରେ ଗିନି କୁକୁଡ଼ା ଏବଂ ଇଉରୋପୀୟ ରାଜହଂସ ସମଲିଙ୍ଗୀ ।

# ବ୍ୟବହାର କରିନପାରିବାରୁ ଫୋନ୍ ଫେରାଇ ଦେଲା ଚୋର




ଦାମୀ ଫୋନ୍ ହଜିଯିବା ପରେ ପୁଣି ମିଳିବା ବାସ୍ତବରେ କୌଣସି ଚମତ୍କାରଠୁ କମ୍ ନୁହେଁ । ଏଭଳି ଏକ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ନିକଟରେ ଜଣେ ବ୍ୟକ୍ତିଙ୍କ ସ୍ମାର୍ଟଫୋନ୍ ଏକ ଦୋକାନରେ ଚୋରି ହୋଇଯାଇଥିଲା । ଚୋରି କରିଥିବା ବ୍ୟକ୍ତି ଜଣକ କିଛି ଦିନ ପରେ ଫୋନ୍‌ଟିକୁ ଉକ୍ତ ବ୍ୟକ୍ତିଙ୍କୁ ଫେରାଇ ଦେଇଛି । ତେବେ ଏହାର କାରଣ ସବୁଠୁ ମଜାଦାର । ଚୋର ବ୍ୟବହାର କରିନପାରିବାରୁ ସ୍ମାର୍ଟଫୋନ୍‌ଟିକୁ ଫେରାଇ ଦେଇଛି । ଗତ ସେପ୍ଟେମ୍ବର ୪ ତାରିଖରେ ପୂର୍ବ ବୁର୍ଦ୍ଧୱାନ ଜିଲ୍ଲା ସ୍ଥିତ ଜମାଲପୁରର ଏକ ମିଠା ଦୋକାନରେ ଜଣେ ୨୨ ବର୍ଷୀୟ ଯୁବକ ଭୁଲବଶତଃ ୪୫ ହଜାର ଟଙ୍କାର ନିଜ ସ୍ମାର୍ଟଫୋନ୍ ଛାଡ଼ିଦେଇଥିଲେ । ସଙ୍ଗେ ସଙ୍ଗେ ଦୋକାନ କାଉଣ୍ଟରରୁ ତାହା ଚୋରି ହୋଇଗଲା । ଏହା ପରେ ଫୋନ୍ ମାଲିକ ଥାନାରେ ଅଭିଯୋଗ କଲେ । କିନ୍ତୁ ପୁଲିସ ଉକ୍ତ ମିଠା ଦୋକାନରେ ଫୋନ୍‌ଟିକୁ ପାଇଲା ନାହିଁ । ଅନ୍ୟ ଫୋନ୍‌ରେ ନିଜ ଫୋନ୍‌କୁ ଫୋନ୍ କରିବାକୁ ବ୍ୟକ୍ତି ଜଣକ ଚେଷ୍ଟା କଲେ, କିନ୍ତୁ ତାହା ସ୍ୱିଚ୍‌ଡ ଅଫ୍ ଥିଲା । ତେବେ ଗତ ରବିବାର ପୁଣି ଥରେ ନିଜ ଫୋନ୍‌କୁ ଫୋନ୍ କରିବା ପରେ ଚୋରି କରିଥିବା ବ୍ୟକ୍ତି ଜଣକ ଫୋନ୍ କଲ୍ ରିସିଭ୍ କଲେ ଏବଂ ବ୍ୟବହାର କରିନପାରିବାରୁ ଫୋନ୍ ଫେରାଇବାକୁ ଚାହୁଁଛନ୍ତି ବୋଲି କହିଲେ । ଫୋନ୍ ମାଲିକ ଚୋରର ଏ କଥା ଶୁଣି ପ୍ରଥମେ ବିଶ୍ୱାସ କରିପାରିଲେ ନାହିଁ । ଏହା ପରେ ସଙ୍ଗେ ସଙ୍ଗେ ପୁଲିସ ସାହାଯ୍ୟରେ ସେହି ଦିନ ଚୋରି କରିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ନିଜ ଫୋନ୍ ଆଣିଲେ । ବ୍ୟକ୍ତି ଜଣକ ଫୋନ୍ ଫେରାଇ ଦେଇଥିବାରୁ ଫୋନ୍ ମାଲିକ ତା' ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପୁଲିସକୁ ଅନୁରୋଧ କଲେ । ତେଣୁ ପୁଲିସ ଫୋନ୍ ଚୋର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ ।

# ଯୌତୁକ ବିରୋଧୀ ଗ୍ରାମବାସୀ



ରାଜସ୍ଥାନର ନାଗୁର ଜିଲାର ଏକ ଗ୍ରାମ ହେଲ୍ଛି ବାସନି ବେଲିମା । ପ୍ରାୟ ୫୫ଟି ପରିବାର ସେଠାରେ ରହୁଛନ୍ତି । ଗ୍ରାମର ସରପଞ୍ଚଙ୍କ କହିବା ଅନୁସାରେ, ୪୦ ବର୍ଷ ପୂର୍ବରୁ ସେଠାରେ କେତେକ ବିଶେଷ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି । ଯୌତୁକର ବିରୋଧ କରାଯିବା ସହ ଗ୍ରାମର ସମସ୍ତ ପରିବାର ବର୍ଣାଢ୍ୟ ବିବାହ ଉତ୍ସବ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କେବଳ ବିବାହ କିମ୍ବା ସନ୍ତାନ ଜନ୍ମଲାଭରେ ହିଁ ସେଠାରେ ସାଧାରଣ ଭୋଜି ଅନୁଷ୍ଠିତ ହୁଏ । କୌଣସି ବ୍ୟକ୍ତିର ମୃତ୍ୟୁରେ ଭୋଜି ପରମ୍ପରାକୁ ସେଠାରେ ବନ୍ଦ କରାଯାଇଛି । ବିଧବା ସ୍ତ୍ରୀଲୋକଙ୍କୁ ତାଙ୍କ ପିଲା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ମାସିକ ଭତ୍ତା ଦିଆଯାଏ । ଏହି ଭତ୍ତା ସରକାରଙ୍କ ତରଫରୁ ନୁହେଁ ବରଂ ଗ୍ରାମବାସୀ ନିଜ ପାଣ୍ଠିରୁ ଯୋଗାଇଥାନ୍ତି । ଗ୍ରାମର ପ୍ରତ୍ୟେକ ଗରିବ ଲୋକଙ୍କ ପାଇଁ ୨ବଖରା ଘର ତିଆରି କରାଯାଇଛି । ସେଠାକାର ସମସ୍ତ ପରିବାର କୌଣସି ଦିନ ଉପବାସରେ କାଟିବ ନାହିଁ, ଏହା ମଧ ସେହି ଗ୍ରାମର ଅନ୍ୟତମ ନିୟମ । ବୟସ୍କଙ୍କ ସହ ଯୁବଗୋଷ୍ଠୀ ଓ ପିଲାମାନେ ମଧ ବେଶ୍ ସଚେତନ । ସେମାନେ ମଧ ଅର୍ଥ ସଞ୍ଚୟ କରି ବିଭିନ୍ନ ଉନ୍ନତିମୂଳକ କାମ କରୁଥିବାର ଜଣାପଡ଼ିଛି । ପଡ଼ୋଶୀ ଗ୍ରାମରୁ ବିବାହ ପ୍ରସ୍ତାବ ଆସିଲେ ବାସନି ଗ୍ରାମ ବାସୀମାନେ ବୋଉଭାବରେ ସତ୍କାର କରନ୍ତି । ହେଲେ ଯଦି ଭୁଲବାତଃ ପୁଅଘର ଲୋକେ ଯୌତୁକ ପ୍ରସଙ୍ଗ ଉଠାନ୍ତି, ତେବେ ତୁରନ୍ତ ତାଙ୍କୁ ସ୍ଥାନୀୟ ପୁଲିସ୍ ଥାନାକୁ ନିଆଯାଏ ।

# ପୋଡ଼ା ଦାଗ ଲିଭାଇବ ପଟି

ଆଇଆଇଟି ଦିଲ୍ଲୀର ତିନ ବିଦ୍ୟାର୍ଥୀ ଏପରି ଏକ ପଟି ପ୍ରସ୍ତୁତ କରିଛନ୍ତି ଯାହା ପୋଡ଼ାଦାଗର ଚିହ୍ନ ଦୂରେଇଦେବ । ସେକେଣ୍ଡ ଡିଗ୍ରୀ ବନ ଇଞ୍ଜୁରୀ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରିବ । ଅର୍ଥାତ୍ ଚର୍ମର ଦ୍ୱିର୍ତୀ ସ୍ତର ପର୍ଯ୍ୟନ୍ତ ପହଞ୍ଚିଯାଇଥିବା । ପୋଷାକ୍ଷତର ଚିକିତ୍ସା ସହଜ ହେବ । ଆରାଧନା, କାର୍ତ୍ତିକା ଏବଂ ଗୋପେନ୍ଦ୍ର ନାମକ ତିନି ବିଦ୍ୟାର୍ଥୀ ପ୍ରାଫେସରମାନଙ୍କ ଦିଗଦର୍ଶନରେ ଏହି ପଟି ପ୍ରସ୍ତୁତ କରିଛନ୍ତି । ଏମସ ସହ ମିଶି ସେମାନେ ଏହାର ସଫଳ ପରୀକ୍ଷଣ କରିପାରିଛନ୍ତି । ସବୁଠାରୁ ଭଲ ଖବର ହେଉଛି, ଏଭଳି ପଟି ଆମେରିକା ପରି ଦେଶରେ ପୂର୍ବରୁ ମିଳୁଛି । ତେବେ ସେଠାରେ ଏହି କାମ କରୁଥିବା ପଟିର ମୂଲ୍ୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥିବାବେଳେ ଭାରତରେ ଏହାକୁ ୫୦୦ରୁ ୧୦୦୦ ଟଙ୍କା ମଧରେ କିଣାଯାଇପାରିବ । ଏକ ରିପୋର୍ଟ ଅନୁସାରେ ପ୍ରତିବର୍ଷ ଦେଶରେ ୬୦ରୁ ୭୦ ଲକ୍ଷ ଲୋକ ପୋଡ଼ାଜଳା ଜନିତ କ୍ଷତର ଉପଶମ ପାଇଁ ଚିକିତ୍ସିତ ହୁଅନ୍ତି। ଭଲ ହେବା ପରେ ବି ପୋଡ଼ାଦାଗ ଲିଭାଇବା ଲାଗି ସେମାନଙ୍କୁ ବହୁ ଚେଷ୍ଟା କରିବାକୁ ହୁଏ । ଏପରି କ୍ଷେତ୍ରରେ ଏହି ପଟି ସେମାନଙ୍କ ପାଇଁ ଉପକାରୀ ହୋଇପାରିବ ।

# ଗୋଲାପ ଜଳର ବ୍ୟବହାର

ଗୋଲାପଫୁଲର ପାଖୁଡାରୁ ପ୍ରସ୍ତୁତ ହେଉଥିବା ଗୋଲାପ ଜଳର ବ୍ୟବହାର ସ୍କିନ ପାଇଁ ଅନେକ ପ୍ରକାରର ବ୍ୟବହାର କରାଯାଇଥାଏ । ଏହା ସ୍କିନକୁ ବହୁତ ପ୍ରକାରର ଉପକାର ପହଞ୍ଚାଇଥାଏ । ଏହା କେବଳ ସ୍କିନକୁ ଚିକକଣ କରିଥାଏ ତା ନୁହେଁ ଚେହେରାରେ ଥିବା ବ୍ରଣ, କଳା ଦାଗ, ରିଙ୍କଲସ ଇତ୍ୟାଦିର ସମସ୍ୟାରୁ ମଧ ମୁକ୍ତି ଦେଇଥାଏ । ଗୋଲାପ ଜଳରେ ଏଣ୍ଟିଜେଣ୍ଟ ଥାଏ । ବଜାରରେ ମିଳୁଥିବା ଦାମୀ ଟୋନର୍ସ ବଦଳରେ ସ୍କିନର ଟୋନିଙ୍ଗ ପାଇଁ ଗୋଲାପ ଜଳର ବ୍ୟବହାର କରନ୍ତୁ । ଆପଣ ଏହାକୁ ଘରେ ମଧ ତିଆରି କରିପାରିବେ । ଏହା ପାଇଁ ୧୦୦ ଏମଏଲ ଗୋଲାପ



ଜଳରେ ୧୦ବୁନ୍ଦା ଗୋଲାପ ତେଲ ଓ ୧୦ ବୁନ୍ଦା ଲେଭେଣ୍ଡର ତେଲକୁ ସ୍ପ୍ରେ ବୋତଲରେ ରଖି ମିଶାନ୍ତୁ । ଆପରଙ୍କ ଟୋନର ପ୍ରସ୍ତୁତ ହୋଇଗଲା । ଯଦି ଆପଣଙ୍କ ସ୍କିନର ଛିଦ୍ର ଖୋଲି ଗଲାଣି ତେବେ ଆପଣ ଏହାକୁ ସଫା କରିବାକୁ ଗୋଲାପର ଏହି ଟୋନର ବ୍ୟବହାର କରିପାରନ୍ତି । ଯଦି ସ୍କିନ ଅଧିକ ତୈଳଯୁକ୍ତ ହୋଇଥା, ତେବେ ସ୍କିନ ସଫା କରିବାକୁ ଏହା ଉପଯୁକ୍ତ ଅଟେ । ଏହା ବ୍ୟତୀତ ଯଦି ଆପଣଙ୍କ ସ୍କିନରେ ବ୍ରଣର ସମସ୍ୟା ରହିଛି ତେବେ ଏହାର ବ୍ୟବହାରରେ ବହୁତ ଉ ହେଲେ ଆପଣଙ୍କୁ ଗୋଲାପଜଳର ଆବଶ୍ୟକତା ରହିଛି । ଏଥିପାଇଁ ଆପଣ ୨୦ଟି ତୁଳସୀପତ୍ରକୁ ପେସି ତାର ରସ ବାହାର କରନ୍ତୁ। ତା ପରେ ୨୦୦ ଏମଏଲ



ଗୋଲାପ ଜଚଳ ଓ ତୁଳସୀ ରସକୁ ମିଶାଇ ବୋତଲରେ ରଖନ୍ତୁ । ପ୍ରତ୍ୟେକ ଦିନ ପକାର ମଧ ମିଳିଥାଏ । ସ୍କିନକୁ ମଇଷ୍ଟରାଇଜ କରିବାକୁ ମଧ ଗୋଲାପ ଜଳ ପ୍ରୟୋଗ କରିପାରିବେ । ଏହାକୁ ଲଗାଇବା ଦ୍ୱାରା ସ୍କିନ ସବୁବେଳେ ସତେଜ ରହେ । ଯଦି ଆପଣଇଙ୍କ ସ୍କିନ ଶୁଷ୍କ ଥାଏ ତେବେ ଆପଣ ଗୋଲାପ ଜଳର ବ୍ୟବହାର କରିପାରିବେ । ସେଥିପାଇଁ ଆପଣଙ୍କୁ ଦୁଇ ଚାମଚ ଗୋଲାପ ଜଳ, ଏକ ଚାମଚ ଗ୍ଲିସରିନ ଓ ଏକ ଚାମଚ ନଡ଼ିଆ ତେଲର ଆବଶ୍ୟକତା ରହିଛି । ଏହି ତିନୋଟି ଜିନିଷକୁ ମିଶାଇ ଏକ ବୋତଲରେ ରଖନ୍ତୁ । ସ୍କିନକୁ ଆଦ୍ରତା ଦେବା ପାଇଁ ହେଲେ ଦିନରେ ଦୁଇ ତିନି ଥର ଏହାକୁ ଚେହେରାରେ ନିଶ୍ଚିତ ଭାବରେ ଲଗାନ୍ତୁ । ଟୋନିଙ୍ଗ ଦୂର କରିବାକୁ ହେଲେ ଆପଣଙ୍କୁ ଗୋଲାପଜଳର ଆବଶ୍ୟକତା ରହିଛି। ଏଥିପାଇଁ ଆପଣ ୨୦ଟି ତୁଳସୀପତ୍ରକୁ ପେସି ତାର ରସ ବାହାର କରନ୍ତୁ ତା ପରେ ୨୦୦ ଏମଏଲ ଗୋଲାପ ଜଳ ଓ ତୁଳସୀ ରସକୁ ମିଶାଇ ବୋତଲରେ ରଖନ୍ତୁ । ପ୍ରତ୍ୟେକ ଦିନ ଏହାକୁ ଦୁଇ ତିନି ଥର ଲଗାନ୍ତୁ । ଏଥିରେ ଆପଣଙ୍କ ଟୋନିଙ୍ଗ ମାସେ ମଧରେ ଦୂର ହୋଇଯିବ । ଏହା ସହିତ ସ୍କିନରେ ଚମକ ମଧ ଆସିବ ।

# ସପୁରିର ଗୁଣ

- ସପୁରିକୁ ନିୟମିତ ଭାବରେ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ ଥାଏ । ସପ୍ତାହକୁ ଥରେ କିମ୍ବା ଦୁଇଥର ଏହାର ରସ ପିଇବା ଭଲ । ମ୍ୟାଗ୍ନେସିୟମ ଏଥିରେ ଅଧିକ ଅଧିକ ମାତ୍ରାରେ ଥିବାରୁ ହାଡ଼ ମଜବୁତ୍ ରଖିବାରେ ସହାୟକ ହୁଏ ।
- ଲଣ୍ଡନର ଗବେଷକଙ୍କ ଅନୁଯାୟୀ, ଏହି ଫଳରେ କ୍ୟାଲୋରୀ କମ ଥିବା ସହ ମିଠା ମଧ କମ ଥାଏ । ସେଥିପାଇଁ ମଧୁମେହ ରୋଗୀ ଏହାକୁ ଖାଇପାରିବେ ।
- ହୃଦରୋଗ ସମ୍ବନ୍ଧିତ ରୋଗ ପାଇଁ ଏହାର ରସ ସର୍ବୋତ୍ତମ ।
- ଫାଇବର ମାତ୍ରା ଏହି ଫଳରେ ଅଧିକ ଥିବା ଯୋଗୁ ପାଚନ ପ୍ରକ୍ରିୟା ଉତ୍ତମ ରୁହେ ।
- ସପୁରିର ଆଣ୍ଟିଅକ୍ସିଡାଣ୍ଟ ପାଇଁ ଯୁବତୀମାନେ ଏହାକୁ ଖାଇବା ଭଲ । ତ୍ୱଚାରେ ଏକ ଚମକ ଆସିବା ସହ ଭାଙ୍ଗ ପଡ଼ିନଥାଏ । ଏହି ଫଳ ଖାଇଲେ ଭୋକ ବୃଦ୍ଧି ହୁଏ ।
- ଦୈନିକ ଖାଲି ପେଟରେ ଏକ ଗିଲାସ ସପୁରୀ ରସ ପିଇଲେ ଶରୀରକୁ ଶକ୍ତି ମିଳେ ।
- ପ୍ରତ୍ୟେକ ଆମେରିକୀୟ ବିଦ୍ୟାଳୟରେ ୬-୧୦ ବର୍ଷ ବୟସର ପିଲାଙ୍କୁ ନିୟମିତ ସପୁରୀ ଖାଇବା ପାଇଁ ବାଧ୍ୟତାମୂଳକ ନିୟମ ରହିଛି ।



# ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ ସେବା ପାଇଁ ଶକ୍ତିମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୫।୯ (ନି.ପ୍ର): ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଉପରେ ଶକ୍ତିମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତକାଲି ଇନ୍ଦ୍ରାବତୀ ଜଳବିଦ୍ୟୁତ କେନ୍ଦ୍ରଠାରେ କଳାହାଣ୍ଡି ଜିଲ୍ଲାରେ ବିଦ୍ୟୁତ ସେବା ଉପରେ ସମୀକ୍ଷା କରି ମନ୍ତ୍ରୀ ଜିଲ୍ଲାର ଦୂରଦୂରାନ୍ତ ଅଂଚଳରେ ମଧ ଲୋକେ ଯେପରି ସ୍ଥିର ବିଦ୍ୟୁତ ସେବା ପାଇପାରିବେ ତାହା ବିଭାଗର ଆଭିମୁଖ୍ୟ ହେବା ଉଚିତ ବୋଲି କହିଥିଲେ । ଇନ୍ଦ୍ରାବତୀ ବହୁମୁଖୀ ଜଳବିଦ୍ୟୁତ ଯୋଜନା କଳାହାଣ୍ଡିର ଭାଗ୍ୟ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଓଏଚପିସି, ଓପିଟିସିଏଲ୍, ୱେସ୍କୋର ମିଳିତ ଉଦ୍ୟମ ଏହାକୁ ସମ୍ଭବ କରିପାରିଛି ବୋଲି ସେ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ସମୀକ୍ଷା କରି ମନ୍ତ୍ରୀ ବିଦ୍ୟୁତସେବା ଯୋଗାଣରେ ଜିଲ୍ଲାରେ ଯାହାକିଛି ସମସ୍ୟା ରହିଛି ତାହା ବଲାଙ୍ଗୀର-କେସିଙ୍ଗା ଲାଇନ୍ ସଂଯୋଗ ହେଲେ ବହୁ ପରିମାଣରେ ସମାଧାନ ହୋଇପାରିବ ବୋଲି କହିଥିଲେ । ଏଥି ସହିତ ସେ ଜୁନାଗଡ଼-ବାନେର୍ ୧୧ କେଭି ଲାଇନ୍, ବାନେର-ବଡ଼କୁଟୁ ୩୩ କେଭି, ବାନେର-ଲଡୁଗାଁ ୩୩ କେଭି ଏବଂ ବାନେରଜୁନାଗଡ଼ ୩୩ କେଭି ଲାଇନ୍ ସଂଯୋଗର ଅଗ୍ରଗତି ସଂପର୍କରେ ସେ ସମୀକ୍ଷା କରିଥିଲେ । ପରେ ସେ ଜଳସଂପଦ ବିଭାଗର କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ। ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ ଯୋଜନାଠାରେ ଇକୋ-ଟୁରିଜିମ୍ ନିମନ୍ତେ ସ୍ଥାନ ନିରୁପଣ କରିବା, ବିଦ୍ୟୁତ ଉତ୍ପାଦନ କେନ୍ଦ୍ରର ସୌନ୍ଦର୍ଯ୍ୟକରଣ ସହ ଏହାର ପାରିପାର୍ଶ୍ୱର୍କ ବିକାଶ ଦିଗରେ ଧ୍ୟାନ ଦେବାକୁ ସେ ପ୍ରସ୍ତାବ ରଖିଥିଲେ । ଜୟପାଟଣାଠାରୁ ମୁଖୀଗୁଡ଼ା ଯାଏଁ ମୁଖ୍ୟରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବା ଯୋଗୁଁ ଓଏଚ୍‌ପିସି ତୁରନ୍ତ ଏ ବିଷୟରେ ପୂର୍ତ ବିଭାଗ ସହ ଯୋଗାଯୋଗ କରି ଏହାର ମରାମତି ଦିଗରେ ପଦକ୍ଷେପ ନେବାକୁ କହିଥିଲେ । ଏଥି ସହିତ ସେ କେନାଲଗୁଡ଼ିକର ଆବଶ୍ୟକ ମରାମତି, ବନ୍ଧଗୁଡ଼ିକର ସୁଦୃଢ଼ୀକରଣ ଏବଂ କେନାଲର ଶେଷମୁଣ୍ଡ ଯାଏଁ ବିନାବାଧାରେ ଜଳ ପହଂଚିବା ନିମନ୍ତେ ମଝିରେ ମଝିରେ ଚେକଡ୍ ୟାମ୍ ନିର୍ମାଣ କରାଯିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ବାମ କେନାଲ, ମରାମତି ଏବଂ ଜଳପ୍ରବାହ ପରିଚାଳନା ସହ ଜଳସେଚନ ଯେପରି ସୁଚାରୁ ରୂପେ ହୋଇପାରିବ ସେଥିପାଇଁ ଏକ ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ କହିଥିଲେ । ପରେ ସେ ବିଦ୍ୟୁତ କେନ୍ଦ୍ରର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଏହି ସମୀକ୍ଷା ବୈଠକରେ ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ ଯୋଜନାର ୟୁନିଟ୍ ହେଡ୍ ଇଂ. ଜୋହର କୁମାର ପାତ୍ର, ଓଏଚ୍‌ପିସିର ସାଧାରଣ ପରିଚାଳକ ନବକୁମାର ନାୟକ, ସାଧାରଣ ଅର୍ଥ ପରିଚାଳକ ଦେବଲୋକ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ଜାତୀୟ ସେବା ଯୋଜନା ସମ୍ମାନରେ ସମ୍ମାନିତ ହେଲେ ମୟୂରଭଞ୍ଜରୁ ଦୁଇ ସ୍ୱେଚ୍ଛାସେବୀ

## ଦିବ୍ୟାନୀ ଓ ପ୍ରଭନକୁ ସମ୍ମାନିତ କଲେ ରାଷ୍ଟ୍ରପତି




ବାରିପଦା,୨୫।୯ (ନି.ପ୍ର): ଚଳିତ ବର୍ଷ ଜାତୀୟ ସେବା ଯୋଜନାରେ ସମ୍ମାନିତ ହେଲେ ଓଡ଼ିଶାର ଦୁଇ ସ୍ୱେଚ୍ଛାସେବୀ। ଏହି ସ୍ୱେଚ୍ଛାସେବୀ ଦୁଇ ଜଣ ହେଲେ ବାରିପଦା ସ୍ଥିତ ଉତର ଓଡିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏମ୍.ପି.ସି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଦିବ୍ୟାନୀ ବେହେରା ଓ ସୀମାନ୍ତ ମହାବିଦ୍ୟାଳୟର ପ୍ରଭନ ମଣ୍ଡଳ। ସମଗ୍ର ଦେଶରେ ବିଭିନ୍ନ ପ୍ରକ୍ରିୟା ମାଧମରେ ଚୟନ ହୋଇଥିବା ସର୍ବଶ୍ରେଷ୍ଠ ୩୦ଜଣ ସ୍ୱେଚ୍ଛାସେବୀ ମାନଙ୍କୁ ଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆୟୋଜିତ ସେପଟ୍ମେର ୨୪ ତାରିଖ ତଥା ଜାତୀୟ ସେବା ଯୋଜନା ଦିବସରେ ସମ୍ମାନିତ କରିଥାନ୍ତି । ଏନେଇ ଗୁରୁବାର ଜାତୀୟ ସେବା ଯୋଜନା ଦିବସରେ ଚଳିତ ବର୍ଷ ମହାମାରୀ କରୋନା ପାଇଁ ରାଷ୍ଟ୍ରପତି ଭବନରୁ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ନିଉଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରୁ ରାଷ୍ଟ୍ରୀୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ କିରଣ ରିଜୁଜି ଓ ସଚିବ ଉଷା ଶର୍ମା ଆୟୋଜିତ ଭିଡ଼ିଓ କନ୍ଫରେନସିଂ ଜରିଆରେ ଓଡ଼ିଶାର ଏହି ଦୁଇ ସ୍ୱେଚ୍ଛାସେବୀଙ୍କୁ ଭୁବନେଶ୍ୱର ସ୍ଥିତ ଜାତୀୟ ସୂଚନା ଭବନରେ ସମ୍ମାନିତ ହୋଇଛନ୍ତି। ପ୍ରତିବର୍ଷ ଭଳି ଏ ବର୍ଷ ମଧ ସର୍ବଭାରତୀୟ ସ୍ତରରେ ଜାତୀୟ ସେବା ଯୋଜନାରେ ଉତ୍କର୍ଷତା କାର୍ଯ୍ୟ ପାଇଁ ରାଷ୍ଟ୍ରପତିଙ୍କ ଠାରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ମୟୂରଭ ଜିଲ୍ଲାର ଏହି ଦୁଇ ସ୍ୱେଚ୍ଛାସେବୀ ସମ୍ମାନିତ ହୋଇ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ମୟୂରଭ ଜିଲ୍ଲାର ନାମ ରଖିଛନ୍ତି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଦୁଇ ସ୍ୱେଚ୍ଛାସେବୀଙ୍କ ପାଇଁ ପ୍ରସଂଶାର ସୁଅ ଛୁଟିଛି। ପୂର୍ବ ୫ବର୍ଷରେ ଲଗାତାର ଉତର ଓଡିଶା ବିଶ୍ୱବିଦ୍ୟାଳୟର ୬ ଜଣ ସ୍ୱେଚ୍ଛାସେବୀ ଓ ୨ ଜଣ କାର୍ଯ୍ୟକ୍ରମ ଅଧିକାରୀ ଏହି ପୁରସ୍କାରରେ ପୁରସ୍କୃତ ହୋଇଥିବା ସହ ସେବା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ଗର୍ବ ମଧ ହାସଲ କରିଛି। ସ୍ୱେଚ୍ଛାସେବୀ ମାନଙ୍କ ଏହି ସଫଳତା ପାଇଁ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ ଚାନ୍ଦ, ଏନ.ଏସ.ଏସ ସଂଯୋଜିକା ଉଷା ଶତପଥୀଙ୍କ ସହ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଦେବେଶ ଶଙ୍କର ହୋତା, ଡ଼ଃ କୈଳାସ ଚନ୍ଦ୍ର ମିଶ୍ର, ବାପା ମା ଓ ସାଙ୍ଗସାଥି ମାନଙ୍କୁ ଶ୍ରେୟ ଦେଇଛନ୍ତି ଏବଂ ସହଯୋଗ ପାଇଁ ସେମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

# କୋଚିଂ ସେଂଟର ଭିତରେ ନବମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ, ଥାନାରେ ଏତଲା

ଜୟପୁର,୨୫।୯ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁରରେ ଜଣେ ନବମ ଶ୍ରେଣୀ ଛାତ୍ରୀକୁ କୋଚିଂ ସେଂଟରରେ ଶିକ୍ଷକ ଜଣକ ଦୁଷ୍କର୍ମ କରିଥିବା ନେଇ ଟାଉନ ଥାନାରେ ଏତଲା ଦାଏର ହୋଇଛି । ଅଭିଯୋଗ ପାଇ ପୋଲିସ ଏ ସଂକ୍ରାନ୍ତରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଶିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କୁ ଥାନାରେ ଅଟକ ରଖିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୟୁରଭଞ୍ଜର ଏହି ନାବାଳିକା ଜଣକ ଜୟପୁରସ୍ଥିତ ନିଜ ମାମୁଁ ଘରେ ରହି ନବମ ଶ୍ରେଣୀରେ ପଢୁଥିଲେ । ନାବାଳିକା ଜଣକ ରାଜୁ ସାହିରେ ଥିବା ଶାରଦା କୋଚିଙ୍ଗ ସେଂଟରରେ ଟ୍ୟୁସନ ହେଉଥିଲେ । କରୋନା ଲକ୍ ଡାଉନ ପାଇଁ କୋଚିଙ୍ଗ ସେଂଟର ବନ୍ଦ ରହିଥିବା ବେଳେ ଅନ୍ ଲାଇନରେ ପାଠ ପଢାଯାଇ ପରୀକ୍ଷା ମଧ କରାଯାଉଥିଲା । ସବୁ ମାସ ପରି ଚଳିତ ମାସ ମଧ ୧୯ ତାରିଖରୁ ୨୨ ତାରିଖ ଯାଏ ପରୀକ୍ଷା ହୋଇଥିଲା । ପରୀକ୍ଷା ପରେ ଉତର ଖାତାକୁ କୋଚିଙ୍ଗ ସେଂଟରରେ ଦାଖଲ କରିବାକୁ ନିୟମ ରହିଥିଲା । ସେହି ନିୟମ ଅନୁଯାଇ ଛାତ୍ରୀ ଜଣକ ଗତ ୨୨ ତାରିଖରେ କୋଚିଙ୍ଗ ସେଂଟରକୁ ଯାଇ ଉତର ଖାତା ଭୂଗୋଳ ଶିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କୁ ଦେଇଥିଲେ । କୋଚିଙ୍ଗ ସେଂଟରରେ କେହି ନଥିବାର ସୁଯୋଗ ନେଇ ଶିକ୍ଷକ ଶ୍ରୀ ପଣ୍ଡା ପଛପଟ କବାଟ ଦେବାକୁ କହି ଛାତ୍ରୀ ଜଣଙ୍କୁ ଦୁଷ୍କର୍ମ କରିଥିଲେ । ଏନେଇ ନାବାଳିକା ଜଣକ ମାମୁଁ ଘରେ କିଛି ନ କହି ତାଙ୍କ ବାପା ମାଙ୍କୁ ଫୋନ୍ ଯୋଗେ କହିଥିଲେ । ନାବାଳିକା ଜଣକ ଭୟବିତ ହୋଇ ରହିଥିବା ବେଳେ ପରେ ମାମୁଁ ଘର ଲୋକେ ଏ ସମ୍ପର୍କରେ ଜାଣି ଟାଉନ ଥାନାରେ ୨୩ ତାରିଖ ରାତ୍ରରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି କୋଚିଙ୍ଗ ସେଂଟର ଯାଇ ତଦନ୍ତ କରି ଫେରିଛି । ଏହି ଘଟଣା ପରେ ଛାତ୍ରୀ ଓ ଶିକ୍ଷକଙ୍କ ପବିତ୍ର ସମ୍ପର୍କରେ ଲାଗିଛି ଦାଗ । ଏପରି ଅଭିଯୋଗ ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଆଗରୁ ମଧ ରହିଥିବା ନେଇ ପୋଲିସ ସୂଚନା ଦେଇଛି । ଛାତ୍ରୀ ଓ ଶିକ୍ଷକଙ୍କ ଡାକ୍ତରୀ ମାଇନା କରିବା ପରେ ଶିକ୍ଷକଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରି ବାଲେଶ୍ୱର ଗିଧି ସୂଚନା ଦେଇଛନ୍ତି ।

# ବିଶିଷ୍ଟ ସାହିତ୍ୟିକ ଓ ପୂର୍ବତନ ମନ୍ତ୍ରୀଙ୍କ ବିୟୋଗରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଶୋକ

ଧର୍ମଶାଳା,୨୫।୯ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କ ବିୟୋଗରେ ଧର୍ମଶାଳା ସାହିତ୍ୟ ସମାଜ ଜାରକା ତରଫରୁ ଶୋକ ପ୍ରକାଶ କରାଯାଇଛି । ଡ. ଜଗନ୍ନାଥ ଜେନା, ଡ. ରାଜକିଶୋର ପାଢୀ, ବେଣୁଧର ନାୟକ,ଡ. ପ୍ରଶାନ୍ତ କୁମାର ସ୍ୱାଇଁ,ନବଘନ ଜେନା,କାହ୍ନୁ ଚରଣ ଦାଶ, ରାଧାଶ୍ୟାମ ସାହୁ,ମନୋରଂଜନ ମହାନ୍ତି, ଅର୍ଜ୍ଜୁନ ପୃଷ୍ଟି,ଗୋବିନ୍ଦ ଚନ୍ଦ୍ର ସାହୁ, ନୃସିଂହ ଚରଣ ମିଶ୍ର,କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ଯୁଗଳ କିଶୋର ଦାସ,ଗୋଳକ ଚନ୍ଦ୍ର ପଲେ.ପ୍ରଶାନ୍ତ କୁମାର ସାହୁ, ଧ୍ରୁବଚରଣ ବିଶ୍ୱାଳ, ପଦ୍ମଜା ଶରଣ, ଅଖିଳ କୁମାର ସ୍ୱାଇଁ, ବିଜୟ କୁମାର ନାୟକ, ସସ୍ମିତା ଦାଶ, ସବିତା ମିଶ୍ର, ବିବେକାନନ୍ଦ ରାୟ,ପରମାନନ୍ଦ ନାୟକ ପ୍ରମୁଖଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଧାମନଗର :ରିଲିଫରୁ ବଂଚିତ ୪ ପଂଚାୟତ : ସାମ୍ବାଦିକ ସମ୍ମିଳନୀରେ ଆନ୍ଦୋଳ ପାଇଁ ଚେତାବନୀ ଦେଲେ ୪ ସରପଂଚ

ଭଦ୍ରକ, ୨୫/୯ (ହି.ସ.) - ଧାମନଗର ବ୍ଲକରେ ଚଳିତ ବର୍ଷ ଲଗାଣ ବର୍ଷା ପରେ ବନ୍ୟା ଦ୍ୱାରା ବ୍ଲକର ୩୧ ପଂଚାୟତ ଓ ଏନଏସିରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ମାତ୍ର ସରକାରୀ ଭାବେ ୨୭ ପଂଚାୟତକୁ କ୍ଷତିଗ୍ରସ୍ତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି । ପରନ୍ତୁ ବ୍ଲକର କଲ୍ୟାଣୀ, ଗୋବିନ୍ଦପୁର, ଚୁଡାକୁଟୀ ଓ ଦଇପୁର ପଂଚାୟତ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କୁ ରିଲିଫ ସାମଗ୍ରୀ ଦିଆନଯିବା ଏବଂ ଚାଷୀଙ୍କ କ୍ଷୟକ୍ଷତି ଆକଳନ ନକରିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଆଜି କଲ୍ୟାଣୀ ପଂଚାୟତ କାର୍ଯ୍ୟାଳୟ ପରିସରରେ ଉକ୍ତ ୪ ପଂଚାୟତର ସରପଂଚମାନେ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉକ୍ତ ପଂଚାୟତ ପ୍ରତି ପାତରଅନ୍ତର ନିତି ବିରୋଧରେ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଲଗାଣ ବର୍ଷା ପରେ ରେବ, କପାଳି ଓ ବୈତରଣୀ ନଦୀର ବନ୍ୟା ଆସି ଚୁଡାକୁଟୀ, ସୋରିଷଡିହ, ବିଦ୍ୟାଧରପୁର, କୁସୁମା, କୋରୁଆ, ମଙ୍ଗଳପୁର, କସଟି, ବରଗଡା, ଗୋବିନ୍ଦପୁର ଯେନାସାହି, ତାମ୍ପଳା, ମାଙ୍କଡିଆ, ବନସର, କଲ୍ୟାଣୀନଗର, ତାଳସିଂଠା, ଜାଗୁଲାଇସାହି, କେସସାହି ପ୍ରଭୃତି ଗ୍ରାମ କ୍ଷତିଗ୍ରସ୍ତ ହୋଇଛି । ବନ୍ୟା ପ୍ରଭାବିତ ବ୍ଲକର ୩୧ ପଂଚାୟତ ମଧ୍ୟରୁ ୨୭ ପଂଚାୟତକୁ ସରକାର ରିଲିଫ ସାମଗ୍ରୀ ବାବଦରେ ପରିବାର ପ୍ରତି ୫୦ କିଲୋ ଚାଉଳ ଓ ୫ଶହ ଟଙ୍କା ସହାୟତା ଯୋଗାଇ ଦେଇଛନ୍ତି । କିନ୍ତୁ କ୍ଷୋଭ ଓ ପରିତାପର ବିଷୟ ଉକ୍ତ ଅଂଚଳ ବନ୍ୟା ପ୍ରଭାବିତଚ ହୋଇଉଥିଲେ ମଧ ଏହି ରିଲିଫ ସାମଗ୍ରୀ ପାଇବାରୁ ସାଧାରଣ ଲୋକ ବଂଚିତ ହୋଇଛନ୍ତି । ପ୍ରଶାସନିକ ସ୍ତରରେ କୌଣସି ତଦନ୍ତ କରାନଯାଇ ୪ଟି ପଂଚାୟତକୁ ରିଲିଫ ପ୍ରକ୍ରିୟାରୁ କାଟି ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସରପଂଚମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଅପରପକ୍ଷେ ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ପୂର୍ବ ବର୍ଷ ବନ୍ୟା ସମୟରେ ଉକ୍ତ ପଂଚାୟତର କେତେକ ଗ୍ରାମକୁ ସରକାରୀ ବନ୍ୟା ସହାୟତା ଦିଆଯାଇଥିବା ବେଳେ ଚଳିତ ବନ୍ୟାରେ ପ୍ରଶାସନ କାହା ଇଙ୍ଗିତରେ ଏହି ୪ ପଂଚାୟତକୁ ବାଦ ଦିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରିକି ବ୍ଲକର ଉପରମୁଣ୍ଡରେ ଭଗବାନପୁର ପଂଚାୟତକୁ ବନ୍ୟା ପ୍ରଭାବିତ ଘୋଷଣା କରାଯାଇ ସେମାନଙ୍କୁ ସରକାରୀ ସହାୟତା ଦିଆଯାଇଥିବା ବେଳେ ଏହି ୪ ପଂଚାୟତକୁ କଣ ପାଇଁ ଅଣଦେଖା କରାଗଲା ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ । ଏହି ୪ ପଂଚାୟତକୁ ବନ୍ୟା ପ୍ରଭାବିତ ଅଂଚଳ ଭାବେ ସାମିଲ କରିବାକୁ ସରପଂଚମାନେ ଧାମନଗର ବନ୍ୟା ଦାୟିତ୍ୱରେ ଥିବା ନୋଡାଲ ଅଫିସର ତଥା ପିଡି ଓ ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଯଦି ଏଦିଗରେ ପ୍ରଶାସନ ପଦକ୍ଷେପ ନନିଏ ତେବେ ଆଗାମୀ ଦିନରେ ଗଣତାନ୍ତ୍ରୀକ ପଦ୍ଧତିରେ ଆନ୍ଦୋଳନ କରିବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ଉପାଧକ୍ଷା ବିଳାସିନୀ ଘୋଷ, କଲ୍ୟାଣୀ ପଂଚାୟତ ସରପଂଚ ରୀତାରାଣୀ ଜେନା, ଦଇପୁର ସରପଂଚ ରାଜୀବ ଲୋଚନ ନାୟକ, ଚୁଡାକୁଟୀ ସରପଂଚ ସରସ୍ୱତୀ ବେହେରା ଓ ଗୋବିନ୍ଦପୁର ସରପଂଚ ଜୟନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର

ପଟ୍ଟାମୁଣ୍ଡାଇ,୨୫।୯ (ନି.ପ୍ର): ସ୍ଥାନୀୟ ପୋଖରୀଆପଡା ଗ୍ରାମର ଶୁଭମ କମ୍ପ୍ୟୁଟର ପ୍ଲାଜା ପରିସରରୁ ଏକ ବୀରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର ହୋଇଛି । ଆଜି ଅପରାହ୍ନରେ ଶୁଭମ କମ୍ପ୍ୟୁଟରର ମୁଖ୍ୟ ଶୁଭେନ୍ଦ୍ର କୁମାର ଚୌଧୁରୀ ପଟ୍ଟାମୁଣ୍ଡାଇ ବଜାରରୁ କମ୍ପ୍ୟୁଟର ପ୍ଲାଜାକୁ ଫେରୁଥିବାବେଳେ ଏହି ବୀରଳ ପ୍ରଜାତିର ଏଣ୍ଡୁଅଟିକୁ ସମ୍ମୁଖସ୍ଥ ଘାସ ପଡିଆରେ ଦେଖିବାକୁ ପାଇଥିଲେ । ଏହି ପ୍ରଜାତିର ଏଣ୍ଡୁଅ ସାଧାରଣତଃ ଭିତରକନିକା ଅଭୟାରଣ୍ୟ ପରିସୀମା ମଧରେ ପ୍ରାୟତଃ ଦେଖିବାକୁ ମିଳନ୍ତି । କିଛି ଦିନ ତଳେ ସ୍ଥାନୀୟ ରାଧାରମଣ ମଠ ଓ ଗଙ୍ଗାରାମପୁର ଏଭଳି ପ୍ରଜାତିର ୨ଟି ଏଣ୍ଡୁଅ ଉଦ୍ଧାର କରାଯାଇଥିଲା । ଏହି ପ୍ରଜାତିର ଏଣ୍ଡୁଅ ସାଧାରଣତଃ ଦିନର ବିଭିନ୍ନ ସମୟରେ ଶରୀରର ରଙ୍ଗକୁ ଭିନ୍ନ ପ୍ରକାରରେ ବଦଳାଇଥାନ୍ତି । ସମୁଦ୍ରକୂଳ ଅଚଂଳରେ ଦେଖାଯାଉଥିବା ଏଣ୍ଡୁଅମାନଙ୍କ ମଧରେ ଏହା ବୀରଳ ପ୍ରଜାତିର ହୋଇଥିବାବେଳେ ଅନ୍ୟ ଏଣ୍ଡୁଅମାନଙ୍କ ଠାରୁ ଏହାର ଆକର ସାଧାରଣତଃ ବଡ ହୋଇଥାଏ । ଏହି ଏଣ୍ଡୁଅଟିକୁ ଦେଖିବା ପାଇଁ ଶୁଭମ କମ୍ପ୍ୟୁଟର ପ୍ଲାଜା ପରିସରରେ ଭିଡ ଜମିଥିବା ଦେଖିବାକୁ ମିଳିଛି ।

# ବନ୍ୟା ପୀଡିତଙ୍କୁ ମିଳୁନି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ସହାୟତା

କେନ୍ଦ୍ରାପଡା,୨୫।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଘୁଚାପ ଜନିତ ବର୍ଷାରେ କ୍ଷତିଗସ୍ତ ହୋଇଥିବା ଲୋକଙ୍କ ପାଇଁ ବନ୍ୟା ସହାୟତା ରାଶି ଘୋଷଣା କରିଥିଲେ । ବନ୍ୟା ଛାଡି ଯାଇଥିଲେ ମଧ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ସହାୟତା ଓ ରିଲିଫ ସାମଗ୍ରୀ ମିଳି ନଥିବା ମହାକାଳପଡା ବଡକୁଳ ପଂଚାୟତର ବାସିନ୍ଦା ମାନେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ, ବନ୍ୟା ସମୟରେ ସରକାରଙ୍କ ପକ୍ଷରୁ ଚୁଡା, ଗୁଡ, ବିସ୍କୁଟ ପ୍ରଭୃତି ଶୁଖିଲା ଖାଦ୍ୟ ମିଳିଥିଲେ ମଧ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୫୦୦ ଟଙ୍କା ଓ ୫୦ କେଜି ଚାଉଳ ପ୍ରତ୍ୟେକ ପିଡିତଙ୍କ ପରିବାରକୁ ମିଳିବ ବୋଲି ଘୋଷଣା କରା ଯାଇଥିଲା । ମାତ୍ର ଅଦ୍ୟାବଧି ପିଡିତ ପରିବାର କୁ ଏହି ୫୦୦ ଟଙ୍କା ସହାୟତା ରାଶି ଓ ୫୦ କେଜି ଚାଉଳ ଦିଆ ଯାଇନାହିଁ । ଏନେଇ ଗ୍ରାମବାସୀ ମାନେ ସ୍ଥାନୀୟ ବିଡିଓଙ୍କୁ ଅଭିଯୋଗ କରିଥିଲେ । ମାତ୍ର ପଂଚାୟତର ପିଇଓ ଙ୍କ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପାଇଁ ଗ୍ରାମବାସୀ ମାନେ ସହାୟତାରୁ ବଂଚିତ ହୋଇଥିବା ବିଡିଓ ସୂଚନା ଦେଇଥିଲେ । ଏନେଇ ଗ୍ରାମର ଶ୍ରୀକାନ୍ତ ଲେଙ୍କା, ଦେବକୀ ପ୍ରଧାନ, ଅକ୍ଷୟ କୁମାର ଲେଙ୍କା, ବିପିନ ବିହାରି ସ୍ୱାଇଁ, ସୁରେନ୍ଦ୍ର ନାଥ ସାହୁ, ସୁଧିର ମୋହନ ସାମନ୍ତରାୟ, ପ୍ରଭାତ ସାହୁ, ନିର୍ମଳ ଓଝା ପ୍ରମୁଖ ଶତାଧିକ ବ୍ୟକ୍ତି ବୁଧବାର ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ମୋବାରକପୁର ଗ୍ରାମରେ ଅଗ୍ନିକାଣ୍ଡ

ଭଦ୍ରକ, ୨୫/୯ (ହି.ସ.) - ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ପାଟୁଳି ପଂଚାୟତ ମୋବାରକପୁର ଗ୍ରାମର ଭାସ୍କର ସ୍ୱାଇଁଙ୍କର ଦୁଇବଖରା ଚାଳଘର ଗତକାଲି ବିଳମ୍ବିତ ରାତିରେ ଭସ୍ମୀଭୂତ ହୋଇଯାଇଛି । ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି ବୋଲି କୁହାଯାଉଛି । ସୂଚନା ପାଇଁ ଭଣ୍ଡାରିପୋଖରୀ ଦମକଳକେନ୍ଦ୍ର ପକ୍ଷରୁ ଅଗ୍ନିଶମ ଅଧିକାରୀ ରମାକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ କର୍ମଚାରୀମାନେ ଅଗ୍ନିନିର୍ବାପନ କରିଥିଲେ । ମାତ୍ର ବିଳମ୍ବତ ରାତ୍ରି ହୋଇଥିବାରୁ ଶୋଇଥିବା ଅବସ୍ଥାରେ ନିଆଁ ଲାଗି ଘରର ସମସ୍ତ ଅସବାବପତ୍ର ଜଳିଯାଇଥିଲା । ଏହି ଅଗ୍ନିକାଣ୍ଡରେ ପ୍ରାୟ ପଚାଶହଜାର ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି ।

# ଧାମରା ଜେଜେ ରିସୋର୍ଟ ହୋଟେଲରୁ କର୍ମଚାରୀଙ୍କ ଝୁଲନ୍ତା ଶବ ଉଦ୍ଧାର : ପୁଅକୁ ମାରି ଟଙ୍ଗାଇ ଦେଇଥିବା ଅଭିଯୋଗ ଆଣିଲେ ମା

ଭଦ୍ରକ, ୨୫/୯ (ହି.ସ.) - ଧାମରା ଠାରେ ଥିବା ଜେଜେ ରିସୋର୍ଟ ହୋଟେଲରୁ ଆଜି ଏକ କର୍ମଚାରୀଙ୍କ ଝୁଲନ୍ତା ଶବ ଉଦ୍ଧାର କରାଯାଇଛି କିନ୍ତୁ ପରିବାରର ଏକମାତ୍ର ରୋଜଗାର କ୍ଷମ ପୁଅକୁ ମାରି ଟଙ୍ଗାଇ ଦେଇଥିବା ଅଭିଯୋଗ ଆଣିଛନ୍ତି ମୃତକର ମା ସରସ୍ୱତୀ ପାତ୍ର । ଖବରରୁ ପ୍ରକାଶ କରଞ୍ଜମାଳ ପଂଚାୟତର ଶମ୍ଭୁନାଥ ପାତ୍ର ନାମକ ଯୁବକ ଦୀର୍ଘ ୫ବର୍ଷ ହେବ ଧାମରା ସ୍ଥିତ ଜେଜେ ରିସୋର୍ଟ ହୋଟେଲରେ କର୍ମଚାରୀ ଭାବରେ କାର୍ଯ୍ୟ କରି ଆସୁଥିଲା । କୌଣସି କାରଣରୁ ଆଜି ସକାଳ ସମୟରେ ଶମ୍ଭୁନାଥ ହୋଟେଲ ମଧ୍ୟରେ ଥିବା ସିଡି ରେ ଲାଗିଥିବା ରେଲିଂରୁ ଫାଶି ଦେଇଥିଲା । ହୋଟେଲ କର୍ମଚାରୀ ମାନେ ଶମ୍ଭୁନାଥର ଝୁଲନ୍ତା ଶବକୁ ଦେଖି ଧାମରା ଥାନାରେ ଖବର ଦେବା ପରେ ଧାମରା ପୁଲିସ ଯାଇ ତରବରିଆ ଭାବେ ଶବକୁ ଜବତ କରି ଭଦ୍ରକକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ପରେ ଶମ୍ଭୁନାଥର ମୃତ୍ୟୁ ଖବର ଶମ୍ଭୂନାଥ ର ମା ସରସ୍ୱତୀକୁ ଦିଆଯାଇଥିଲା । ଶମ୍ଭୁନାଥର ମା ଆସି ହୋଟେଲରେ ନିଜର ପୁଅର ଶବକୁ ଦେଖିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ସେତେବେଳକୁ ଶମ୍ଭୁନାଥର ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆ ଯାଇଥିଲା । ଏହି ଖବର ପାଇବା ପରେ କରଞ୍ଜମାଳ ପଂଚାୟତରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଏକମାତ୍ର ରୋଜଗାରକ୍ଷମ ପୁତ୍ରକୁ ହରାଇ ଶମ୍ଭୁନାଥର ମା ସରସ୍ୱତୀ ପାତ୍ର ପୁଅ କାର୍ଯ୍ୟ କରୁଥିବା ଜେଜେ ରିସୋର୍ଟ ମାଲିକଙ୍କ ନାମରେ ଧାମରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଧାମରା ଥାନାରେ ୩/୨୦ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରୀ ରହିଛି ବୋଲି ଧାମରା ଥାନାଧିକାରୀଙ୍କ ନିକଟରୁ ପ୍ରକାଶ ।

# ଚୋରା ବିଦେଶୀ ମଦ ଜବତ

କୋରେଇ,୨୫।୯ (ନି.ପ୍ର): ଜିଲ୍ଲା ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ସଠିପୁରରୁ ଚୋରା ବିଦେଶୀ ମଦ ଜବତ ହେବା ସହ ବେପାରୀକୁ ଗିରଫ କରାଯାଇଛି । ଜିଲ୍ଲା ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରୁ ବ୍ରାଉନସୁଗାର ଓ ଗଂଜେଇ ଧରିବା ପରେ ଏବେ ଚୋରା ମଦ ବୋରୀଙ୍କ ଉପରେ ନଜର ପକାଇଛି । ବୁଧବାର ରାତ୍ରୀରେ ସଠିପୁରରେ ଚୋରା ମଦ ବେପାରର ଖବର ପାଇ ଚଢାଉ କରିବା ସମୟରେ ସଠିପୁରର ଶଙ୍କର୍ଷଣ ତରାଇ ପୁଅ ସୁରେନ୍ଦ୍ର ତରାଇକୁ ଧରିଥିଲେ । ତା ନିକଟରୁ ୩୧ ବୋତଲ ବିଦେଶୀ ମଦ ଜବତ କରିବା ପରେ ପାଣିକୋଇଲି ପୁଲିସକୁ ହସ୍ତାନ୍ତର କରିଥିଲେ । ଏନେଇ ଏକ ମାମଲା ୨/୨୦ ରୁଜୁ କରାଯାଇ ସୁରେନ୍ଦ୍ରକୁ ଆଜି ୫୨(ଏ)ଓଡିଶା ଏକ୍ସସାଇଜ ଆକ୍ଟରେ କୋର୍ଟ ଚାଲାଣ କରାଯାଇଛି ।

# ଅଜଣା ଦୁର୍ବୃତ୍ତ ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ବାଇକ୍‌କୁ ବିଳମ୍ବିତ ରାତ୍ରିରେ ପୋଡି ଦେଇଛନ୍ତି



ଗୁଣୁପୁର,୨୫।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ସଦର ମହକୁମା ରାମ ମନ୍ଦିର ସାହିରେ ଗତ କାଲି ବିଳମ୍ବିତ ରାତ୍ରିରେ ବ୍ୟାଙ୍କର ପୂର୍ବତନ କର୍ମଚାରୀ ମାଧବ ତାଙ୍କ ଘର ଆଗରେ ରଖିଥିବା ବାଇକ୍‌କୁ କେହି ଦୁର୍ବୃତ୍ତ ପୋଡି ଦେଇଛନ୍ତି । ଏପରି କି ମୁନିଗୁଡାରେ ଚୋରି ଦିନକୁ ଦିନ ବୃଦ୍ଧି ପାଇ ଆସୁଥିବା ବେଳେ ବାଇକ୍ ଚୋରୀ, ବାଇକ୍ ଡିକି ଭାଙ୍ଗି ଆଖି ପିଛୁଳାକେ ଟଙ୍କା ଲୁଟ୍ କରିବା ଆଦି ବହୁ ଘଟଣା ଘଟୁଥିଲେ ମଧ ପ୍ରଶାସନ ତରଫରୁ ଧରିବା ପାଇଁ ବିଫଳ ହୋଇଛନ୍ତି । ଚନ୍ଦ୍ରପୁରୁ ବ୍ଲକରେ ତିନିମାସ ତଳର ଏକପାଖିଆ ପ୍ରେମରୁ ହତ୍ୟା କରାଯାଇଥିବା ପ୍ରେମିକର ହତ୍ୟାକାରୀ ଓ ହତ୍ୟା କରାଯାଇଥିବା ପ୍ରେମିକର ହାଡ ଓ ନରକଙ୍କାଳ କୁ ପୋଲିସ ତାର ବୁଦ୍ଧି ବଳରେ ଜାଲ ବିଛାଇ ଫର୍ଦ୍ଦାଫାସ କରି ଲୋକଲୋଚନକୁ ଆଣି ପୋଲିସ୍ ତାର ପାରିବା ପଣିଆ ଦେଖାଇବା ସହିତ ସାଧାରଣରେ ବହୁ ପ୍ରଶଂସା ପାଇଛନ୍ତି । ହେଲେ ଚୋରି, ଜୁଆଖେଳ ବନ୍ଦ ହେବାର ନା ଧରୁନଥିବା ବେଳେ ଏବେ ଦୁର୍ବୃତ୍ତଙ୍କ ବାଇକ୍ ପୋଡି ଆରମ୍ଭ ହୋଇଛି । ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । କିନ୍ତୁ ଏହି ଏ ସମନ୍ଧରେ ବାଇକ୍ ମାଲିକଙ୍କ ପକ୍ଷରୁ ଥାନାରେ କୌଣସି ଏତଲା ଦିଆଯାଇ ନଥିବା ଜଣାପଡ଼ିଛି ।

# ଡ୍ରାଇଭରଙ୍କୁ ବାନ୍ଧି ଡିକିରେ ପୁରାଇ କାର ଲୁଟ ଯୋଜନା ; ପର୍ଦ୍ଦା ଫାସ କଲା ପଟ୍ଟାମୁଣ୍ଡାଇ ପୋଲିସ

## ୩ ଲୁଟେରା କୋର୍ଟ ଚାଲାଣ, ୨ ବାଇକ, ବନ୍ଧୁକ, ୩ ମୋବାଇଲ ଓ ୬ ହଜାର ଟଙ୍କା ଜବତ

ପଟ୍ଟାମୁଣ୍ଡାଇ,୨୫।୯ (ନି.ପ୍ର): ଅପରାଧର ମୂଳପୋଛ କରିବା ପାଇଁ ଅପରାଧିଙ୍କୁ ଧରିବାକୁ ପୋଲିସ ଦିନକୁ ଦିନ ନୂଆ କୌଶଳ ଆପଣାଉଥିବାବେଳେ ଅପରାଧିମାନେ ମଧ ଅପରାଧ ଘଟାଇବା ପାଇଁ ଭିନ୍ନ କୌଶଳ ଆପଣାଇ ପୋଲିସକୁ ଚକମା ଦେଇ ଅପରାଧ ଘଟାଇ ଚାଲିଛନ୍ତି । ଯାହାର ଝଲକ ଦେଖିବାକୁ ମିଳିଛି ପଟ୍ଟାମୁଣ୍ଡାଇଥାନା ଅଚଂଳରେ । ଗତକାଲି ଭୁବନେଶ୍ୱରରୁ କାର ଭଡା କରି ଆସୁଥିବା ୪ ଜଣ ଅପରାଧି ଡ୍ରାଇଭରକୁ ବାନ୍ଧି ଡିକିରେ ପକାଇ କାର ଲୁଟ ଭଳି ଜଘନ୍ୟ ଅପରାଧର ଆଜି ପର୍ଦ୍ଦା ଫାସ କରିଛି ପଟ୍ଟାମୁଣ୍ଡାଇ ପୋଲିସ । ଆଜି ମଧ୍ୟାହ୍ନରେ ପଟ୍ଟାମୁଣ୍ଡାଇ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଥି ନେଇ ସବିଶେଷ ତଥ୍ୟ ଦେଇଛନ୍ତି କେନ୍ଦ୍ରାପଡା ଏସପି ନୀତିଶେଖର । ଏସପି କହିଛନ୍ତି ଯେ ପଟ୍ଟାମୁଣ୍ଡାଇ ଥାନା ଡାମରପୁର ବାଲିପାଟଣା ଗ୍ରାମର ଗୁନୁରି ଓରଫ ପରେଶ ପରିଡା (୨୮), କୁଲୁ ଓରଫ ବିଶ୍ୱଜିତ ବଳ (୨୧) ଏବଂ ରାଜନଗର ଥାନା ଗଳିଦଣ୍ଡା ଗ୍ରାମର ଦିପୁ ଓରଫ ଦୀପକ ଓରଫ ତ୍ରିଲୋଚନ ସାମନ୍ତରାୟ (୨୬) ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ବାଇକ ଯୋଗେ ଭୁବନେଶ୍ୱର ଯାଇଥିଲେ । ସେଠାରେ କାର ଲୁଟ ଯୋଜନା କରି ଏକ ଭଡା କାର ଡାକିଥିଲେ । ଭୁବନେଶ୍ୱର ଲକ୍ଷ୍ମୀସାଗର ଅଚଂଳର ମାଲିକଙ୍କ ମାରୁତି ସୁଇଫ୍ଟ ଡିଜାର କାର ନଂ.- ଓଡି ୩୩ ଏକ୍ସ ୧୦୬୮କୁ ଚଳାଉ ଥିବା ପୁରୀ ଜିଲ୍ଲା ପିପିଲି ଥାନା ଗୁରୁଡି ପୋଖରୀ ଗ୍ରାମର ଅଜୟ ନାୟକଙ୍କ ସହିତ ରାଜନଗର ଯିବା ପାଇଁ ଭଡା ଛିଡାଇ ଭୁବନେଶ୍ୱରରୁ ରାଜନଗର ବାହାରିଥିଲେ । ୪ଜଣ ଯାକ ଡ୍ରାଇଭରଙ୍କୁ ଧରି କଟକ-ଚାନ୍ଦବାଲି ରାସ୍ତାରେ ରାଜନଗର ଯାଉଥିବାବେଳେ ସାଲେପୁର-ନିଶ୍ଚିନ୍ତକୋଇଲି ମଝିରେ ନିଛାଟିଆ ରାସ୍ତାରେ ଡ୍ରାଇଭରକୁ ଗାଡି ସ୍ଲୋ କରିବା ପାଇଁ କହିଥିଲେ । ଡ୍ରାଇଭର ଗାଡି ସ୍ଲୋ କରିବା ପରେ ଅଭିଯୁକ୍ତମାନେ ତା ମୁଣ୍ଡରେ ବନ୍ଧୁକ ଲଗାଇ ବୟଭୀତ କରିବା ସହିତ ତାର ହାତଗୋଡ ବାନ୍ଧି କାର ଡିକି ମଧରେ ଫିଙ୍ଗି ଦେଇଥିଲେ । କାରରେ ଲାଗିଥିବା ନମ୍ବର ପ୍ଲେଟକୁ ଅଭିଯୁକ୍ତମାନେ ଖୋଲି ଦେଇଥିଲେ । ଅଭିଯୁକ୍ତମାନେ ଡ୍ରାଇଭର ଅଜୟଙ୍କୁ ରାଜନଗରକୁ ନେଇ କୁମ୍ଭୀରିଆ ନଦୀ ମଧକୁ ଫିଙ୍ଗି ଦେବାର ଯୋଜନା କରିଥିଲେ । ଏହାପରେ ଅଭିଯୁକ୍ତମାନେ କାର ଚଳାଇ ରାଜନଗର ଅଭିମୁଖେ ଯାଉଥିବାବେଳେ ପଟ୍ଟାମୁଣ୍ଡାଇ ଥାନା ନିକଟ ରାସ୍ତାରେ ଟ୍ରାଫିକ ଜାମ ଯୋଗୁଁ କିଛି ସମୟ କାରଟି ଅଟକି ଯାଇଥିଲା । ଏହି ସମୟରେ ହାତଗୋଡ ବନ୍ଧା ହୋଇ କାର ଡିକିରେ ପଡି ରହିଥିବା ଡ୍ରାଇଭର ଅଜୟ କୌଶଳ କରି କୌଣସି ପ୍ରକାର କାର ମଧରୁ ପଦାକୁ ବାହାରି ଆସିଥିଲେ । ଏହା ଦେଖି ଅଭିଯୁକ୍ତମାନେ ତତକ୍ଷଣାତ କାରରୁ ଓହ୍ଲାଇ ଅଜୟଙ୍କୁ ପୁନର୍ବାର କାର ମଧକୁ ନେବାକୁ ଜୋରଜବରଦସ୍ତ କରିବାବେଳେ ସେ ଚିତ୍କାର କରିବାରୁ ଘଟଣାସ୍ଥଳରେ ଲୋକମାନେ ଜମି ଯାଇଥିଲେ । ଏହା ଦେଖି ଅଭିଯୁକ୍ତମାନେ ପଟ୍ଟାମୁଣ୍ଡାଇ ବଜାର ପାର କରି ବଙ୍ଗାଳିଦିଆ ଅଭିମୁଖେ ଦୌଡି ପଳାଇ ଥିଲେ । ଖବର ପାଇ ପଟ୍ଟାମୁଣ୍ଡାଇ ଆଇଆଇସି ରାକେଶ ତ୍ରିପାଠୀ ପୋଲିସ ବାହିନୀ ସହିତ ଅପରାଧୀଙ୍କ ପିଛା କରି ବଙ୍ଗାଳିଦିଆ ଖରିବଣକୁ ଯାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିବା ପରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଡ୍ରାଇଭର ଅଜୟ ନାୟକଙ୍କ ଏତଲାକୁ ଭିତି କରି ସ୍ଥାନୀୟ ପୋଲିସ ଥାନା କେସ ନଂ-୩୬୦/୨୦୨୦ରେ ଭାରତୀୟ ପିଙ୍ଗଳକୋର୍ଡ ଦଫା ୩୬୪(ଏ), ୩୯୪ ଏବଂ ୨୫ ଆର୍ମ ଆକ୍ଟ ବଳରେ ମୋକଦ୍ଦମା ରୁଜୁ କରି ୨ଟି ବାଇକ, ୩ଟି ମୋବାଇଲ, ବନ୍ଧୁକ ଓ ନଗଦ ୬ ହଜାର ଟଙ୍କା ଜବତ କରିଛି ବୋଲି ଏସ.ପି ସୂଚନା ଦେଇଥିଲେ । ଏହି ମାମଲାରେ ପୋଲିସ ନିକଟରୁ କୌଶଳକ୍ରମେ ଫେରାର ହୋଇଯାଇଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଖୁବଶିଘ୍ର ଗିରଫକରାଯିବ ବୋଲି ଏସ.ପି ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ଆଇଆଇସି ରାକେଶ କୁମାର ତ୍ରିପାଠିଙ୍କ ସମେତ ପ୍ରମୁଖ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଆସାମୀମାନଙ୍କୁ ମଧ୍ୟାହ୍ନରେ କୋର୍ଟ ଚାଲାଣ କରାଯାଇଥିବାବେଳେ ସେମାନଙ୍କୁ ବାରିମୂଳ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଚଂଳରେ ଚାଂଚଲ୍ୟ ସୃଷ୍ଟି କରିଛି ।

# କେନ୍ଦ୍ର ସରକାରଙ୍କ କୃଷି ବିଲ ଉପରେ ବାଲିଆପାଳ ବ୍ଲକ ସମ୍ମୁଖରେ ବିକ୍ଷୋଭ




ବାଲିଆପାଳ,୨୫/୯(ନି.ପ୍ର) ବାଲିଆପାଳ ସୂଚନା ଅଧିକାର ସଂଘ ଓ ଗଣଚେତନା ମଞ୍ଚ ପକ୍ଷରୁ କେନ୍ଦ୍ର ସରକାରଙ୍କର କୃଷି ବିଲ ବିରୋଧରେ ଶୁକ୍ରବାର ବାଲିଆପାଳ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ସୂଚନା ଅଧିକାର ସଂଘ ସଭାପତି ଅନୁଜ କୁମାର ମହାପାତ୍ର,ଗଣଚେତନା ମଞ୍ଚର କୁଶଧ୍ୱଜ ଜେନା,ସୁବୋଧ ପାତ୍ର, ଗୋପୀନାଥ ଗଙ୍ଗାଇ, ଦେବେନ୍ଦ୍ର ଦାସ, ବଂଶୀଧର ଜେନା,ବଳରାମ ଦାସ, ସୁଜାତା ବେହେରା,ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ବିକ୍ଷୋଭରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ କୃଷି ବିଲ କୃଷକଙ୍କ ସ୍ୱାର୍ଥ ପାଇଁ ନ ହୋଇ କମ୍ପାନୀର ସ୍ୱାର୍ଥ ପାଇଁ ହୋଇଛି ବୋଲି କହିଥିଲେ । ସରକାର କର୍ପୋରେଟ ମାଧ୍ୟମରେ କୃଷକମାନଙ୍କୁ ପରୋକ୍ଷରେ ଶୋଷଣ କରିବେ । ଚାଷୀର ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ମିଳିବନାହିଁ । ଏହା ସହିତ ବ୍ୟବସାୟୀ ଓ କ୍ରେତାମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ । ବହୁ ରାଷ୍ଟ୍ରୀୟ କମ୍ପାନୀ ଗୁଡିକ ଏହି ଆଇନର ବ୍ୟବସ୍ଥା ଫଳରେ ସିଧାସଳଖ ଭାରତର ଗ୍ରାମୀଣ କୃଷି ବଜାର ଉପରେ ନିଜର ଏକଚାଟିଆ ଅଧିକାର ଜାହିର କରିବେ । ଯାହା ଫଳରେ ଶୋଷଣ ହୋଇଥିବା ଚାଷୀଟି କମ୍ପାନୀ ବିରୋଧରେ ନ୍ୟାୟଳୟକୁ ଯାଇପାରିବେ ନାହିଁ ବୋଲି ବିଲରେ ଲିପିବଦ୍ଧ କରାଯାଇଛି । ଚାଷୀ ତାର ସମସ୍ୟାକୁ ନେଇ ପ୍ରଥମେ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ଗୁହାରି କରିବେ ବୋଲି ବିଲରେ କୁହାଯାଇଛି । ଏଠାରେ ପ୍ରଶ୍ନ ଉଠୁଛି ଯେ ଗ୍ରାମାଞ୍ଚଳର ସାଧାରଣ ଚାଷୀଟେ ସିଏ କଣ ଜିଲାପାଳ ଓ ଉପଜିଲାପାଳଙ୍କଠାରେ ଗୁହାରି କରି ପାରିବେ । ପୁଣି ଜିଲାପାଳ ଓ ଉପଜିଲାପାଳ ସେମାନଙ୍କ କଥାକୁ କେତେ ଗୁରୁତ୍ୱ ଦେବେ ତାହା ହିଁ ସମୟ କହିବ ବୋଲି ବିକ୍ଷୋଭ କାରୀମାନେ କହିଥିଲେ । ସରକାର ଏହି ବିଲର ସଂଶୋଧନ ନ କଲେ ଦେଶ ବ୍ୟାପି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଥିଲେ ।

## ଘନ ଘନ ବଜ୍ରପାତରେ ବଳଦ ମୃତ : ଚାଷୀଙ୍କୁ ସହାୟତା ଦାବି କଲେ ସରପଂଚ



ଜଳେଶ୍ୱର, ୨୫/୯ (ନି.ପ୍ର) : ଆଜି ପୂର୍ବାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ବର୍ଷିବା ଆରମ୍ଭ ହୋଇଥିଲା । ଘନ ଘନ ବଜ୍ରପାତ ହେଉଥିବା ବେଳେ ରାଇବଣିଆ ଥାନା ଅନ୍ତର୍ଗତ ପଳାସବଣି ଗାଁର ବଜ୍ରପାତ ଯୋଗୁଁ ହରେନ୍ ସିଂ ଙ୍କ ବଳଦ ପଡିଆରେ ଚରୁଥିବା ବେଳେ ତା ଉପରେ ପଡିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା । ନରେନ୍ ସିଂ ଜଣେ କ୍ଷୁଦ୍ର ଓ ଗରିବ ଚାଷୀ । ବଳଦ ଦ୍ୱାରା ଲଙ୍ଗଳ କରିବା ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରି ଆସୁଥିଲା । ବଳଦର ମୃତ୍ୟୁ ଫଳରେ ଲଙ୍ଗଳ ବିକ୍ରି କରିବା ସମ୍ଭବ ହେଉନଥିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇ ପଡିଛି । ଆରଜି ଅପରାହ୍ନରେ ସ୍ଥାନୀୟ ଆର୍ ଘଟଣାସ୍ଥାନ ପରିଦର୍ଶନ କରିଥିବା ବେଳେ ସରପଂଚ ଦିଲ୍ଲିପ ସାମଲ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଛନ୍ତି ।

## ସୁନୀଲ ନାୟକ ହେଲେ ମୟୂରଭଂଜ ବିଜୁ ଛାତ୍ର ଜନତା ଦଳର ସଭାପତି

ବାରିପଦା,୨୫।୯ (ନି.ପ୍ର) :ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଛାତ୍ର ଜନତା ଦଳର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ସେଥି ମଧ୍ୟରୁ ମୟୂରଭ ଜିଲ୍ଲାର ଟାଣୁଆ ଛାତ୍ର ନେତା ସୁନୀଲ କୁମାର ନାୟକଙ୍କୁ ମୟୂରଭଂଜ ବିଜୁ ଛାତ୍ର ଜନତା ଦଳର ସଭାପତି ଭାବରେ ନିଯୁକ୍ତି କରାଯାଇଛି । ସୁନୀଲ ନାଏକ ତାଙ୍କ ଛାତ୍ର ଜୀବନ ଆରମ୍ଭରୁ ପ୍ରଥମେ ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ ସହସାଂସ୍କୃତିକ ସମ୍ପାଦକ ଏବଂ ପରେ ସାଂସ୍କୃତିକ ସମ୍ପାଦକ ପଦରେ ବିଜୟ ଲାଭ କରିଥିଲେ । ତା'ପରେ ତାଙ୍କର ଦୃଢ ଛାତ୍ର ନେତୃତ୍ୱରେ ବି.ବି.କଲେଜ ବାଇଗଣ ବାଡିଆରେ ସଭାପତି ପଦରେ ବିଜୟ ଲାଭ କରିଥିଲେ । ପରେ ପରେ ବି.ବି.କଲେଜର ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ପଦ ଅଳଙ୍କୃତ କରିଥିଲେ, ଏବଂ ବର୍ତ୍ତମାନ ମୟୂରଭର ସମସ୍ତ ଆଗ ଧାଡିରେ ଥିବା କଲେଜ ମାନଙ୍କର ନେତୃତ୍ୱ ନେବା ସହିତ ଏବେ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର ଛାତ୍ର ନେତୃତ୍ୱ ତୁଲାଉଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ବି.ଜେ.ଡି. ସୁପ୍ରିମ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସହିତ ମୟୂରଭ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ବିଜେଡି ରାଜ୍ୟ ସାଂଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଚାନ୍ଦବାଲି ବିଧାୟକ ତଥା ଛାତ୍ର ବ୍ୟାପର ଅଧକ୍ଷ ବ୍ୟମକେଶ ରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ୍, ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାଜସଭା ସାଂସଦ ମମତା ମହାନ୍ତ, ରାଜ୍ୟ ସାଧାରଣ ସମ୍ପାଦକ ଦେବାଶିଷ ମାର୍ଣ୍ଡି, କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ମୋରଡା ବିଧାୟକ ରାଜକିଶୋର ଦାସ, କରିଆ ବିଧାୟକ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଭାଦବ ହାଁସଦା, ଗଣେଶ୍ୱର ପାତ୍ର, ଶ୍ରୀନାଥ ସୋରେନ, ମହିଳା ସଭାପତି ବିଣାପାଣୀ ସାହୁ ଏବଂ ମୟୂରଭ ଜିଲ୍ଲାର ସମସ୍ତ ବିଜୁ ଜନତା ଦଳ, ବିଜୁ ଯୁବ ଜନତା ଦଳ, ବିଜୁ ମହିଳା ଜନତା ଦଳ, ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଦୁଇ ବାଇକ୍ ମୁହାଁମୁହିଁ : ୩ ଗୁରୁତର ଚିକିତ୍ସାଧିନ

ଜଳେଶ୍ୱର, ୨୫/୯ (ନି.ପ୍ର) : ଜଳେଶ୍ୱର ବଜାରର ପର୍ଣ୍ଣିମବାର୍ଡ ଛକ ଠାରେ ଆଜି ମଧ୍ୟାହ୍ନରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ୩ଜଣ ଗୁରୁତର ହୋଇ ଭଣ୍ଟର ହସ୍‌ପିଟାଲରେ ଚିକିତ୍ସାଧିନ ରହିଛନ୍ତି । ଘଟଣାରୁ ପ୍ରକାଶ ଓଡି୦୧କ୍ୟୁ ୫୮୮୪ ବାଇକ୍‌ଟି ପର୍ଣ୍ଣିମବାର୍ଡ ପଟୁ ଆସି ଜଳେଶ୍ୱର ନିକଟରେ ଥାନା ଆଡୁ ଆସୁଥିବା ଓଡି୦୧ବି ୦୧୫୬ ପେସନ୍ ବାଇକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଲିଆପାଳର ବାବୁଲି ବିଶ୍ୱାଳ (୫୦) ଓ ତାଙ୍କ ଭଉଣୀ ଶାସନବାର୍ଡର କାଞ୍ଚନ ପଟ୍ଟନାୟକ ଗୁରୁତର ଆହତ ହୋଇଥିବା ବେଳେ ପଂଚାଘଣ୍ଟା ଗ୍ରାମର ନିରଞ୍ଜନ ଦାସ (୩୪) ମଧ୍ୟ ଅହାତ ହୋଇ ଚିକିତ୍ସାଧିନ ଅଛନ୍ତି । ଜଳେଶ୍ୱର ବଜାରରେ ଦ୍ରୁତଗତିରେ ବାଇକ୍ ଚାଳନା ସଂଖ୍ୟା ବଢି ଚାଲୁଥିବାରୁ ଦୁର୍ଘଟଣା ବଢି ଚାଲିଛି । ପ୍ରଶାସନୀକ ଉଦାସୀନତା ଯୋଗୁଁ ଅଳ୍ପ ବୟସର ପିଲାମାନେ ଏପରି ଦ୍ରୁତଗତିରେ ବାଇକ୍ ଚାଳନା କରି ଆସୁଛନ୍ତି । ପୁଲିସ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ରାଜ୍ୟରେ ଗତ ୨୪ ଘଂଟାରେ ୫୨,୮୮୨ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୨୫।୯ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୫୨ ହଜାର ୮୮୨ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୪୪,୫୧୪ ଆରଟିପିସିଆରରେ ୮,୨୭୫ ଓ ଟ୍ରୁନଟ୍‌ରେ ୯ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୦୦୯୧୮୩ ନମୁନାର ପରୀକ୍ଷା କରା ଯାଇଛି ।

# କେନ୍ଦ୍ର କୃଷି ବିଲ ୨୦୨୦ ବିରୁଦ୍ଧରେ ମିଳିତ ପ୍ରତିବାଦ




ବାରିପଦା ,୨୫।୯ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ବିଲ-୨୦୨୦କୁ କୃଷକ ବିରୋଧୀ ବୋଲି ଅଭିହିତ କରି ଆଜି ଦେଶ ବ୍ୟାପି ବନ୍ଦ, ପ୍ରତିବାଦ, ବିକ୍ଷୋଭ ଚାଲିଥିବା ବେଳେ ଅଲଇଣ୍ଡିଆ କିଷାନ ସଂଘର୍ଷ କୋର୍ଡିନେସନ କମିଟିର ଆହ୍ୱାନ କ୍ରମେ ବାମପନ୍ଥି ଦଳ, କଂଗ୍ରେସ ଓ କେନ୍ଦ୍ରୀୟ ଶ୍ରମୀକ ସଂଗଠନ ମାନଙ୍କର ସମର୍ଥନକୁ ପାଥେୟ କରି ସର୍ବଭାରତୀୟ ପ୍ରତିବାଦର ଅଂଶ ବିଶେଷ ଭାବରେ ମୟୂରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତୀୟ କିଶାନ ସଭା, ସି.ପି.ଆଇ., ଏ.ଆଇ.ଟି.ୟୁ.ସି., ସି.ପି.ଆଇ.(ଏମ), ସି.ଆଇ.ଟି.ୟୁ., ଏସ.ୟୁ.ସି.ଆଇ.(କ) ଏବଂ ଜାତୀୟ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ସି.ପି.ଆଇ. ର ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ରାଜ୍ୟ ସହ ସମ୍ପାଦକ ପ୍ରଶାନ୍ତ ମିଶ୍ର, ସିପିଆଇ(ଏମ) ର ରବି ଗୋସ୍ୱାମୀ, ଅମଲ ଦେ, ଏସ.ୟୁ.ସି.ଆଇ.(କ)ର ପୀତାମ୍ବର ନାଏକ, ଜାତୀୟ କଂଗ୍ରେସର ଜିଲ୍ଲା ସଭାପତି ହେମନ୍ତ ଦାସ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ଜିଲ୍ଲା କିଶାନ କଂଗ୍ରେସ ସଭାପତି ଦଶରଥ ସିଂ, ଜିଲ୍ଲା କଂଗ୍ରେସ କୋଭିଡ ସଂଯୋଜକ ଶାନ୍ତନୁ ପାଲ, ଜିଲ୍ଲା ଆଇନ ସେଲ ସଭାପତି ଜ୍ୟୋତି ପ୍ରକାଶ ରଥ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ ପ୍ରମୁଖ ବହୁ ନେତା ନିଜନିଜ ବକ୍ତବ୍ୟରେ କେନ୍ଦ୍ର ସରକାର ପୁଁଜିପତି ତଥା ଶିଳ୍ପପତି ମାନଙ୍କ ପାଇଁ ଜାତିର ମେରୁଦଣ୍ଡ କୁହାଯାଉଥିବା କୃଷକ ମାନଙ୍କୁ ବଳି ପକାଇ ଯେଉଁ କୃଷି ବିଲ ଆଣିଛନ୍ତି ତାହା ବାସ୍ତବରେ ଦୁର୍ଭାଗ୍ୟର ବିଷୟ । ସରକାର ଏହି ବିଲକୁ ପ୍ରତ୍ୟାହାର ନକରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ବ୍ୟାପକ ଭାବରେ ଚାଲୁ ରହିବ ବୋଲି କହିଛନ୍ତି ।

## ନେସ୍କୋ ବିଦ୍ୟୁତ୍ ବିଲରେ ବିଭ୍ରାଟ : ଅନ୍‌ଲାଇନ୍ ଓ ଅଫିସ୍ ବିଲ୍‌ରେ ରହୁନାହିଁ ତାଳମେଳ

ଜଳେଶ୍ୱର, ୨୫/୯ (ନି.ପ୍ର) : କରୋନା ମହାମାରୀ ଦେଖା ଦେଇଥିବା ବେଳେ ନେସ୍କୋ ଜନସାଧାରଣଙ୍କୁ ଠକିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି । ନିକଟରେ କଭିଡ୍-୧୯ ଯୋଗୁଁ ନେସ୍କୋ ବିଲ ଆଦାୟ ବନ୍ଦ ରଖିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଜୁନ୍ ଓ ଜାଲଇ ୨ ମାସର ବିଲ ଲାଗୁ ହୋଇଥିଲା । ଏଥିରେ ସାଧାରଣଭାବେ ମାସକୁ ଲାଗୁଥିବା ବିଲ ଠାରୁ ଅଧିକ ଥିବାରୁ ବହୁଲୋକ ପ୍ରତିବାଦ କରିଥିଲେ । କିନ୍ତୁ ଏହାକୁ ପରବର୍ତ୍ତୀ ସମୟରେ ସଂଶୋଧନ କରିବା ପ୍ରତିଶୃତି ଦିଆଯାଉଥିବା ବେଳେ ଅଦ୍ୟାବଧି ତାହ । ହୋଇନାହିଁ । ପ୍ରଶ୍ନ ଉଠୁଛି ଜୁନ୍ ଓ ଜୁଲାଇ ମାସ ବିଲରେ ଦର୍ଶାଯାଇଥିବା ଅର୍ଥ ଅନ୍‌ଲାଇନ୍‌ରେ ବହୁତ୍ କମ୍ ରହିଛି । ତେଣୁ ଅଫିସ୍‌ରୁ ମିଳିଥିବା ବିଲ ଓ ଅନ୍‌ଲାଇନ୍‌ରେ ଦର୍ଶାଯାଇଥିବା ବିଲରେ ପାର୍ଥକ୍ୟ ରହୁଥିବାରୁ ଉପଭୋକ୍ତାମାନେ ସନ୍ଦେହରେ ପଡିଛନ୍ତି । କେଉଁ ବିଲ୍‌ଟି ଠିକ୍ ତାହା ବୁଝିବାଲାଗି ଉପଭୋକ୍ତାମାନେ କାର୍ଯ୍ୟାଳୟରେ ଭିଡ ଜମାଉଛନ୍ତି । ନେସ୍କୋର ଏଭଳି ଖାମ୍‌ଖିଆଲି ଓ ଦାୟିତ୍ୱହିତନା କାର୍ଯ୍ୟ ଯୋଗୁଁ ଅସନ୍ତୋଷ ବଢି ଚାଲିଛି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ଅନ୍ୟଥା ଆନ୍ଦୋଳନର ସୂଚନା ମିଳିଛି ।

## କେନ୍ଦ୍ର ସରକାରଙ୍କ ନୂତନ କୃଷିବିଲ୍‌କୁ ବିରୋଧ : ରାଜନୈତିକ ଦଳ-କୃଷକ ସଂଗଠନ ପକ୍ଷରୁ ଜାତୀୟ ରାଜପଥ ଅବରୋଧ



ବାଲେଶ୍ୱର,୨୫।୯ (ନି.ପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ପାରିତ କୃଷି ବିଧେୟକକୁ ବିରୋଧ କରି ବାମପନ୍ଥୀ ଓ କଂଗ୍ରେସ ଦଳର ନେତୃତ୍ୱରେ ସମଗ୍ର ଦେଶରେ ଆଜି ବିକ୍ଷୋଭ ତଥା ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । କଂଗ୍ରେସ ଓ ବାମପନ୍ଥୀ ଦଳମାନଙ୍କ ନେତୃତ୍ୱରେ ଏକାଧିକ କୃଷକ ସଂଗଠନଙ୍କ ପକ୍ଷରୁ ରେମୁଣା ଗୋଲେଇଠାରେ ୧୬ ନଂ ଜାତୀୟ ରାଜପଥକୁ ପ୍ରାୟ ଏକଘଣ୍ଟା ଧରି ଅବରୋଧ କରାଯାଇଥିଲା । ସି.ପି.ଆଇ., ସି.ପି.ଆଇ(ଏମ୍.), ଫରୱାର୍ଡ଼ ବ୍ଲକ୍ ଓ କଂଗ୍ରେସ ଦଳର ଜିଲ୍ଲା ନେତୃବୃନ୍ଦ ରାଜପଥ ଅବରୋଧ ସ୍ଥଳରେ ଯୋଗଦେଇ କେନ୍ଦ୍ରରେ ମୋଦି ସରକାରଙ୍କ କୃଷକ, ଶ୍ରମିକ ଓ ଜନଗଣ ବିରୋଧି ନୀତିକୁ ତୀବ୍ର ସମାଲୋଚନା ସହ ଆନ୍ଦୋଳନକାରୀମାନଙ୍କୁ ସମର୍ଥନ ଜଣାଇଥିଲେ । ଏହି କୃଷି ବିଲ୍‌କୁ ଅନ୍ୟାନ୍ୟ ରାଜନୈତିକ ଦଳମାନଙ୍କ ବିରୋଧ ସତ୍ତ୍ୱେ କେନ୍ଦ୍ର ସରକାର ରାଜ୍ୟସଭାରେ ବାଚନିକ ଭୋଟରେ ଅନୁମୋଦନ କରାଇ ନେଇଛନ୍ତି । କେନ୍ଦ୍ର କୃଷିମନ୍ତ୍ରୀ ଏହି ବିଲ୍ କୃଷକ, କୃଷି ଶ୍ରମିକ, ଭାଗଚାଷୀ ଓ ଖାଉଟିମାନଙ୍କ ବିରୋଧୀ ବୋଲି ମତ ଦେଇ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ତଥାପି ମୋଦି ସରକାର କର୍ପୋରେଟ୍ ହାଉସ୍ ତଥା ପୁଞ୍ଜିପତିଙ୍କ ସ୍ୱାର୍ଥରେ ଏହି ବିଲ୍ ପାସ୍ କରାଇବାରେ ଟିକିଏ ବି ଦ୍ୱିଧା ବୋଧ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ । ଗୋଟିଏ ପଟରେ କୃଷିବିଲ୍ ପାସ୍ ହେବା ଓ ଅନ୍ୟପକ୍ଷରେ କୃଷିଜାତ ସାମଗ୍ରୀ ଆଳୁ, ପିଆଜ, ଡାଲି ଓ ଖାଇବା ତେଲ ପ୍ରଭୃତି ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ସରକାରୀ ନିୟନ୍ତ୍ରଣରୁ ବାଦ୍ ଦେବା ଯୋଗୁଁ ଅହେତୁକ ଦରବୃଦ୍ଧି ଭବିଷ୍ୟତର ଭୟାବହତାକୁ ପ୍ରମାଣିତ କରୁଛି ବୋଲି ଆନ୍ଦୋଳନକାରୀ କୃଷକ ସଂଗଠନର ନେତାମାନେ ଅଭିଯୋଗ କରିଥିଲେ । ସରକାର ତୁରନ୍ତ ଏହି ବିଲ୍‌କୁ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ସମଗ୍ର ଦେଶରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ । ଆଜିର ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନମାନଙ୍କରୁ ଶିଶିର ହୁଇ, ନିର୍ମଳ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ଯତୀନ୍ ପାତ୍ର, ସଂଜୀବ ଗିରି, ନିରଞ୍ଜନ ବେହେରା, ସର୍ବେଶ୍ୱର ମିଶ୍ର, ଲକ୍ଷ୍ମୀଧର ଗିରି, ବିଧାନ ରାୟ, ଅରୁଣ ଜେନା, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ପ୍ରକାଶ ଦେ, ଖରିଦ୍ ମୁଖୁରା ସରପଞ୍ଚ ଷ୍ଟାଲିନ୍ ମିଶ୍ର, ନାରୀନେତ୍ରୀ ତାପସୀ ପ୍ରହରାଜ, ପ୍ରେମରଂଜନ ପାତ୍ର ପ୍ରମୁଖ ଆନ୍ଦୋଳନକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ପ୍ରଦୀପ ଦାସ, ଭରତ ଚନ୍ଦ୍ର ସେଠୀ, କହ୍ନେଇ ବେହେରା, ବେଣୁଧର ପତି, ବନ୍ଦନା ବିଶ୍ୱାସ, ନିକୁଞ୍ଜ ବସନ୍ତ ରାୟ, ଶ୍ୟାମସୁନ୍ଦର ଜେନା, ସୁରଜିତ୍ ପୋଥାଳ, ସନ୍ଧ୍ୟା ଦାସମଜୁମଦାର, ବିମଳ ମହାନ୍ତି, ଅରବିନ୍ଦ ପାଢ଼ୀ, ବେଣୁଧର ବାରିକ, ପ୍ରଦୀପ ରାଉତ, ରାଜକିଶୋର ଲେଙ୍କା, ସୁଶାନ୍ତ ଜେନା, ସିକନ୍ଦର ଖାଁ, ପଦ୍ମଲୋଚନ ଲେଙ୍କା, ପ୍ରତାପ ସେଠୀ, ଉମାକାନ୍ତ ପାତ୍ର, ମନ୍ମଥ ପରିଡ଼ା, ରାଜେନ୍ଦ୍ର ବେହେରା, ଗଦାଧର ଜେନା, ଜଗନ୍ନାଥ ପ୍ରଧାନ, ବୈକୁଣ୍ଠ ସାହୁ, ପ୍ରକାଶ ନାୟକ, ମଧୁ ରାଉତ, ମଣ୍ଟୁ ସାହୁ, ହରେକୃଷ୍ଣ ବିନ୍ଧାଣୀ, ଶଶିକାନ୍ତ ବେହେରା ଓ ସନାତନ ଜଳଦାସ ପ୍ରମୁଖ ରାଜପଥ ଅବରୋଧ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ । ଦୀର୍ଘ ୧ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ଫଳରେ ଉଭୟ ଦିଗରେ ଶହଶହ ଯାନବାହନ ଅଟକି ରହିଥିଲା । ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ପୁଲିସ୍ ମୁତୟନ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ରାଜ୍ୟରେ ଆଉ ...

ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୩ ବର୍ଷ ବୟସ୍କ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ଜଣେ ୭୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ କ୍ରନିକ କିଡନି ରୋଗରେ ପୀଡିତଥିଲେ । ସେହିପରି କେନ୍ଦ୍ରାପଡା ଜିଲ୍ଲାର ଜଣେ ୮୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାରେ ଜଣେ ୫୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୪୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୫୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୮୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ରାୟଗଡା ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ଓଡ଼ିଶାର ବିଦ୍ୟୁତ୍ ...

ଅଧିକ ଉପକୃତ ହୋଇପାରିବେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଓଡ଼ିଶାକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏବଂ ଶିଳ୍ପ, ବ୍ୟବସାୟିକ ଏବଂ ଘରୋଇ ଗ୍ରାହକଙ୍କ ଦ୍ୱାରା ହେଉଥିବା ଅତିରିକ୍ତ ବିଦ୍ୟୁତ୍ ଶକ୍ତିର ଚାହିଦାକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହାର ଫଳସ୍ୱରୂପ ଓଡିଶାର ଅର୍ଥନୀତିରେ ଅଭିବୃଦ୍ଧି ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ବିଜୁଳି ଶୁଳ୍କ ବୃଦ୍ଧି ଝଂଟିକା...

ସରକାରଙ୍କ ଅଧିନସ୍ଥ ଗ୍ରୀଡକୋକୁ ହଜାର ହଜାର କୋଟି ଟଙ୍କା ପୈଠ କରୁନାହାନ୍ତି । ଆଜି ଦିନରେ ରାଜ୍ୟ ସରକାର ନିଜ ଅଧୀନରୁ ବିତରଣ କମ୍ପାନୀ ଗୁଡିକୁ ବେସରକାରୀ ସଂସ୍ଥା ମାନଙ୍କୁ ହସ୍ତାନ୍ତର କରୁଛନ୍ତି ସେତେବେଳେ ବିତରଣ କମ୍ପାନୀ ମାନଙ୍କ ଠାରୁ ପାଇବାକୁ ଥିବା ବକେୟା ଅର୍ଥ ସମ୍ବନ୍ଧରେ ଅହେତୁକ ନିରବତା ଅବଲମ୍ବନ କରୁଛନ୍ତି । ଖାଉଟି ମାନଙ୍କର ବିଜୁଳି ଟାରିଫ୍ ଅପରିବର୍ତ୍ତିତ ରଖିବା ସହ ରାଜ୍ୟର କୃଷକ ମାନଙ୍କୁ ଶାସକ ଦଳର ପ୍ରତିଶ୍ରୁତି ଅନୁସାରେ ମାଗଣା ବିଜୁଳି ଯୋଗାଇଦେବା ପାଇଁ ଦାବୀ କରିଛନ୍ତି । ଏହାସହ ରାଜ୍ୟରେ ଶିଳ୍ପ ବିକାଶ ପାଇଁ ବର୍ତ୍ତମାନ ପ୍ରଚଳିତ ୟୁନିଟ୍ ପିଛା ୫ ଟଙ୍କା ୭୦ ପଇସାର ଟାରିଫ୍ ବଦଳରେ ଦେଶର ଶିଳ୍ପ ସମୃଦ୍ଧ ରାଜ୍ୟ ଗୁଜୁରାଟ ପରି ୪ ଟଙ୍କା ୫୦କୁ କମ୍ କରିବା ପାଇଁ ଦାବୀ କରିଛନ୍ତି । ଏହାସହ ଆନ୍ଧ୍ର ଓ ଗୁଜୁରାଟ ଭଳି ରାଜ୍ୟରେ ଅଣୁ କ୍ଷୁଦ୍ର ଶିଳ୍ପ ପାଇଁ ବିଶେଷ ରିହାତି ସହ ୟୁନିଟ୍ ପିଛା ମୂଲ୍ୟ ୨ ଟଙ୍କା ୬୦ ପଇସା ରଖାଯାଇଛି । ଓଡିଶାର ଶିଳ୍ପ ବିକାଶ ପାଇଁ ଏହି ଶିଳ୍ପ ଅଗ୍ରଣୀ ରାଜ୍ୟ ମାନଙ୍କର ପଦାଙ୍କ ଅନୁସରଣ କରିବା ପାଇଁ ଶ୍ରୀ ମହାପାତ୍ର ଦାବୀ କରିଛନ୍ତି । ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ ।

## ୨୭ରୁ ଭୁବନେଶ୍ୱରରୁ ...

ଆରମ୍ଭ ହେବ । ରବିବାର ଦିନ ଗୋଟିଏ ଲେଖାଏଁ ବସ୍ ଉଭୟ ରୁଟରେ ଚାଲିବ । ଯାତ୍ରୀମାନେ ନିର୍ଦ୍ଧାରିତ ବସ ଭଡ଼ା ଖୁଚୁରା ଆକାରରେ ଦିଅନ୍ତୁ ବୋଲି କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏହା ଦ୍ୱାରା ନୋଟ ଆଦାନପ୍ରଦାନ ଜନିତ ଭୂତାଣୁ ସଂପ୍ରସାରଣ ରୋକିବ ଓ ଯାତ୍ରୀ ଓ ଗାଇଡମାନେ ନିଜକୁ ସୁରକ୍ଷିତ ରଖିପାରିବେ । ସେ କହିଛନ୍ତି, ରୁଟ ନଂ ୫୦ରେ ସର୍ବାଧିକ ୭୦ ଟଙ୍କା ଓ ରୁଟ ନଂ ୭୦ରେ ସର୍ବାଧିକ ୬୦ ଟଙ୍କା ବସ ଭଡ଼ା ରହିବ । ୫୦ ନମ୍ବର ରୁଟ ମାଷ୍ଟରକ୍ୟାଂଟିନ, ରାଜ୍ୟ ସଂଗ୍ରହାଳୟ, ରବି ଟକିଜ, ଧଉଳି ଛକ, ଉତରା ଛକ, ପିପିଲି ବାଇପାସ, ମାଳୀପାଟପୁର ଓ ପୁରୀରେ ରହିବ । ୭୦ ନମ୍ବର ରୁଟର ସମସ୍ତ ମୁଖ୍ୟ ବସଷ୍ଟପ୍ ଦେଇ ମୋ ବସ ଯାତ୍ରା କରିବ । ମାସ୍କ ପିନ୍ଧିଥିବା ଯାତ୍ରୀ କେବଳ ବସରେ ଯାତ୍ରା କରିପାରିବେ ।

## ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ...

ଓଡ଼ିଶୀ ସଙ୍ଗୀତ ପରମ୍ପରା ପ୍ରାୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ହୋଇଥିବା ସତ୍ତ୍ୱେ ଏଯାବତ୍ ଭାରତ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମାନ୍ୟତା ପାଇନାହିଁ । ଶାସ୍ତ୍ରୀୟ ଓ ନିଜସ୍ୱ ମୌଳିକ ରାଗ ଆଧାରିତ ଓଡ଼ିଶାର ସଙ୍ଗୀତ ପରମ୍ପରା ଅନ୍ୟୂନ ୨୦୦୦ ବର୍ଷ ପୁରାତନ । ଏହା ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତ ଠାରୁ ଭିନ୍ନ । ଶାସ୍ତ୍ରୀୟ ମାନ୍ୟତା ପାଇବାକୁ ଆବଶ୍ୟକ ସମସ୍ତ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଓଡ଼ିଶୀ ସଙ୍ଗୀତର ରହିଛି । ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭଳି ପ୍ରତିଷ୍ଠାନ ସ୍ଥାପନ କରି ଓଡ଼ିଶା ସରକାର ଆନୁଷ୍ଠାନିକ ସ୍ତରରେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ଲାଗି ପ୍ରାରମ୍ଭିକ ଉଦ୍ୟମ କରିଛନ୍ତି । ତେଣୁ, ଓଡ଼ିଶାର ଐତିହ୍ୟକୁ ସମ୍ମାନ ପ୍ରଦାନପୂର୍ବକ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ଲାଗି ବିଚାର କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ଅଧାରୁ ବନ୍ଦ ଓଭରବ୍ରିଜ୍ ...

ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଉଚ୍ଛେଦ ସମୟରେ ଦୋକାନୀମାନଙ୍କ ବିରୋଧ ଆଶଙ୍କାରେ ଦୁଇଗୋଟି ଥାନାର ଅଧିକାରୀ ଓ କର୍ମଚାରୀଙ୍କ ସମେତ ୨ପ୍ଲାଟୁନ୍‌ରୁ ଅଧିକ ଫୋର୍ସ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଶାନ୍ତିପୂର୍ଣ୍ଣ ଭାବେ ଏହି ପ୍ରକ୍ରିୟା ଜାରି ରହିବା ସହ ପ୍ରାୟ ୩୭ ଗୋଟି ଦୋକାନ ଭଙ୍ଗା ଯାଇଥିବା ବେଳେ ହଠାତ ଜିଲ୍ଲାପାଳଙ୍କଠାରୁ ଜରୁରୀ ବାର୍ତ୍ତା ପାଇ ଅଧିକାରୀମାନଙ୍କୁ ଏହି ଉଚ୍ଛେଦ ପ୍ରକ୍ରିୟାକୁ ବନ୍ଦ କରିବାକୁ ପଡ଼ିଥିଲା । ଉଚ୍ଛେଦ ପ୍ରକ୍ରିୟା ବନ୍ଦର ପ୍ରକୃତ କାରଣ ସମ୍ପର୍କରେ ଅଧିକାରୀମାନେ ସୂଚନା ଦେଇ ନଥିଲେ ବି ଆସନ୍ତା ସଦର ବିଧାନସଭା ଆସନ ଉପ-ନିର୍ବାଚନକୁ ଦୃଷ୍ଟିରେ ରଖି ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି । ତେବେ ପ୍ରଶାସନର ଏହି ଅଧାଭଙ୍ଗା କାର୍ଯ୍ୟକୁ ନେଇ ବହୁ ଦୋକାନୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ରିଜ୍ ତଳ ସମସ୍ତ ଦୋକାନ ଉଚ୍ଛେଦ ସହ ମରାମତି ପରେ ସେମାନଙ୍କୁ ପୁଣି ସେଠାରେ ସମସ୍ତଙ୍କୁ ବ୍ୟବସାୟ ପାଇଁ ଅନୁମତି ଦେବାକୁ ଉଚ୍ଛେଦ ଦୋକାନୀମାନେ ଦାବି କରିଛନ୍ତି । ଓଡ଼ିଶାର ପ୍ରଥମ ଓଭର ବ୍ରିଜ୍ ଭାବେ ୧୯୮୪ ମସିହାରେ ବାଲେଶ୍ୱରର ଏହି ଉଡ଼ନ୍ତା ପୋଲ ନିର୍ମିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାର ଜୀବନରେଖା ପାଲଟିଥିବା ଏହି ଓଭର ବ୍ରିଜ୍ ମରରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଥିଲା । ଏହାର ମରାମତି ଦାବି କରି ବାଲେଶ୍ୱର ସିଭିଲ୍ ସୋସାଇଟି ସମେତ ଅନ୍ୟାନ୍ୟ ବହୁ ସଂଗଠନ ଜିଲ୍ଲା ପ୍ରଶାସନ ଏମିତିକି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପୋଲର ମରାମତି ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପାଣ୍ଠି ଅନୁମୋଦନ ସହ କାର୍ଯ୍ୟ ସମ୍ପନ୍ନ ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଶେଷ ହୋଇଥିଲା । ମାତ୍ର ବ୍ରିଜ୍‌ତଳ ଦୋକାନୀଙ୍କ ବିରୋଧ ଉଚ୍ଛେଦ ପ୍ରକ୍ରିୟାରେ ଅନ୍ତରାୟ ହୋଇଥିଲା । ତେବେ ଆଜିର ଉଚ୍ଛେଦକୁ ନେଇ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଥିବା ବେଳେ ହଠାତ୍ ବନ୍ଦ କରାଯିବା ପଛର ରାଜନୀତିକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି ।

# ଦିନକରେ ୧୧୮ ପଜିଟିଭ୍ ଚିହ୍ନଟ : ଜିଲ୍ଲାର ସଂକ୍ରମିତ ସଂଖ୍ୟା ୬୯୩୪କୁ ବୃଦ୍ଧି

ବାଲେଶ୍ୱର,୨୫।୯ (ନି.ପ୍ର): ବଢୁଥିବା କରୋନା ସଂକ୍ରମଣ ସମଗ୍ର ଦେଶ ପାଇଁ ଉଦ୍‌ବେଗର ବିଷୟ ହୋଇଛି। ବିଶେଷଜ୍ଞଙ୍କ ସୂଚନା ଅନୁସାରେ ଆସନ୍ତା ଅକ୍ଟୋବର ମାସରେ ସଂକ୍ରମଣ ହାର ଶୀର୍ଷରେ ପହଞ୍ଚିବା ପରେ କ୍ରମହ୍ରାସମାନ ଅବସ୍ଥାରେ ଏହା କମିବ ବୋଲି ଜଣାପଡ଼ିଛି। ତେବେ ସରକାରଙ୍କ ପକ୍ଷରୁ ବାରମ୍ବାର ସଚେତନତା ସୃଷ୍ଟି ସାଙ୍ଗକୁ ସାମାଜିକ ଦୂରତା ରକ୍ଷା ପାଇଁ କୁହାଯାଉଥିଲେ ବି ସାଧାରଣ ଲୋକେ ଏହାକୁ ଗୁରୁତ୍ୱ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହୋଇଛି। ଦେଶର ସଂକ୍ରମିତଙ୍କ ସଂଖ୍ୟା ୫୮ ଲକ୍ଷରେ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି୯୨,୩୧୭ରେ ପହଞ୍ଚିଛି। ସେହିଭଳି ଓଡ଼ିଶାରେ ଦୈନିକ ୪ ହଜାର ଉପରେ ସଂକ୍ରମିତ ଚିହ୍ନଟ ହୋଇ ଚାଲିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ଧିରେ ଧିରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୪୨୦୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟର ଆଜି ସୁଦ୍ଧା କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ଟପିଛି। ଅନ୍ୟପକ୍ଷରେ ଆଜି ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭୬୭ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି। ଆଜି ଗୋଟିଏ ଦିନରେ ୧୧୮ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୬୯୩୪ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୫୫୮୭ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୩୨୨ ଜଣ ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୦ରେ ସ୍ଥିର ରହିଛି।

# ଅଧାରୁ ବନ୍ଦ ଓଭରବ୍ରିଜ୍ ତଳ ଦୋକାନ ଗୃହ ଉଚ୍ଛେଦ ପ୍ରକ୍ରିୟା



ବାଲେଶ୍ୱର,୨୫।୯ (ନି.ପ୍ର): ବାଲେଶ୍ୱର ଉଡ଼ନ୍ତା ପୋଲ(ଓଭର ବ୍ରିଜ୍) ମରାମତି ପାଇଁ ଦୀର୍ଘ ଦିନର ପ୍ରୟାସ ପରେ ଏହାର ତଳେ ଥିବା ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରିବାରେ ପ୍ରଶାସନକୁ ଆଜି ସଫଳତା ମିଳିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ତଥା ବ୍ରିଟ୍, ପୌରପାଳିକା ଓ ଜିଲ୍ଲା ପୁଲିସର ସହଯୋଗରେ ପୂର୍ତ୍ତ ବିଭାଗ ଏହି ଦୋକାନ ଗୃହ ଉଚ୍ଛେଦ କରିବାରେ ସଫଳ ହୋଇଥିବା ଲକ୍ଷ୍ୟ କରାଯାଇଛି। ଉଚ୍ଛେଦ ବେଳେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ସଦର ତହସିଲଦାର ଅନାମିକା ସିଂ ଓ ଅତିରିକ୍ତ ତହସିଲଦାର ଶତ୍ରୁଘ୍ନ ସେଠୀ ଉପସ୍ଥିତ ଥିବା ବେଳେ ସିଟି ଡିଏସପି ମନୋଜ ରାଉତଙ୍କ ସମେତ ପୂର୍ତ୍ତ ବିଭାଗ, ପୌରପାଳିକା ତଥା ବ୍ରିଟ୍‌ର ଅଧିକାରୀ ଏବଂ ବହୁ କର୍ମଚାରୀ ଏହି

▶▶ପୃଷ୍ଠା ୭

# ଜଳସାଥି ଜଳ କର ସଂଗ୍ରହ କରିବା ସହିତ ପାଣିର ମାନ ମାପିବେ

ଭୁବନେଶ୍ୱର,୨୫।୯ (ନି.ପ୍ର): ଓ୍ୱାର୍ଡ଼ ନଂ. ୧୧ ବୀର ସୁରେନ୍ଦ୍ର ସାଏ ନଗରରେ ଆଜି ଜନସ୍ୱାସ୍ଥ୍ୟ ବିଭାଗର ଉପଭୋକ୍ତା ସଂଯୋଗୀ ବୈଠକ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜନସ୍ୱାସ୍ଥ୍ୟ ବିଭାଗର ଜୁନିଅର ଇଂଜିନିୟର ରବୀନ୍ଦ୍ର ନାଥ ମହାପାତ୍ର ଯୋଗଦେଇ ଜଳସାଥିମାନେ ଏବେ ପାଣି ବିଲ୍ ସଂଗ୍ରଅ କରିବା ସହିତ ପାନୀୟ ଜଳର ମାନ ନିର୍ଦ୍ଧାରଣ କରିବେ ବୋଲି କହିଥିଲେ। ଏହି ବୈଠକରେ ଭିଏସଏସ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଅଧକ୍ଷତା କରିଥିବା ବେଳେ ପୂର୍ବତନ କର୍ପୋରେଟରଙ୍କ ପ୍ରତିନିଧି ଅଜୟ କୁମାର ଜେନା ନିଜ ବକ୍ତବ୍ୟ ରଖିଥିଲେ । ବୈଠକରେ ଯୋଗଦେଇ ଶୀତଳ ଚନ୍ଦ୍ର ମହାନ୍ତି, ପ୍ରତାପ କୁମାର ନନ୍ଦ, ଧୀରେନ୍ଦ୍ର ନାଥ ଦାଶ, ନିମାଇଁ ଚନ୍ଦ୍ର ଦାସ, ସୁରେଶ ଚନ୍ଦ୍ର କର, ଚିନ୍ତାମଣି ବାରିକ ଓ ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଜଳ ଯୋଗାଣ ଓ ସ୍ୱରେଜ ସମ୍ପର୍କରେ କଲୋନୀରେ ଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ ଯେ, ଭିଏମ୍ କଲୋନୀର ଦୁଇଟି ଯାକ ଫେଜ ଜିଏଲ ଓ ହାଟ ପାଖ ପ୍ରାଇଭେଟ ପ୍ଲଟରେ ନୂତନ ସ୍ୱରେଜ ଲାଇନ ପଡ଼ିବା ସହିତ ଏଇ ଓ ଝିଇ ଭଳି ଅଳ୍ପ ଜାଗା ଥିବା ଏରିଆରେ କିପରି ସ୍ୱରେଜ ଲାଇନ୍‌ର ନବୀକରଣ ହୋଇପାରିବ ସେଥିପାଇଁ ସ୍ୱତନ୍ତ୍ର ପ୍ରକଳ୍ପ କରି କାମ ଆରମ୍ଭ କରାଯିବ।

# ଏମ.ସି.ଏ.ଏମ.ରେ ଜାତୀୟ ସେବା ଯୋଜନା ଦିବସ ପାଳିତ




ବାରିପଦା ,୨୫।୯ (ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୁରଭଂଜ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟରେ ୫୧ତମ ଜାତୀୟ ସେବା ଯୋଜନା ଦିବସ ପ୍ରୋଗ୍ରାମ ଅଫିସର ଏବଂ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ପାଳିତ ହୋଇଯାଇଛି । ସେବା ଯୋଜନା ଦିବସ ଉପଲକ୍ଷେ ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟ ପରିସର ମଧ୍ୟରେ ବୃକ୍ଷରୋପଣ କରିଥିଲେ ଏବଂ ମହାବିଦ୍ୟାଳୟକୁ ପରୀକ୍ଷା ଦେବା ପାଇଁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କୁ ସାନିଟାଇଜ କରିବା ସହିତ ମାସ୍କ ବଂଟନ କରିଥିଲେ । ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ମୀରା ସେନାପତି ଏବଂ ବିଜୟା ନାୟକ ସ୍ୱେଚ୍ଛାସେବୀ ମାନଙ୍କୁ ବିଭିନ୍ନ ପ୍ରକାର ସେବା ନିମନ୍ତେ ଅନୁପ୍ରାଣିତ କରିବା ସହିତ ସେବା ଯୋଜନା ଦିବସର ଗୁରୁତ୍ୱ ବୁଝାଇଥିଲେ । ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ସ୍ତରୀୟ ଶ୍ରେଷ୍ଠ ପ୍ରୋଗ୍ରାମ ଅଫିସର (ମହିଳା) ଭାବେ ମୀରା ସେନାପତି ଏବଂ ଶ୍ରେଷ୍ଠ ସ୍ୱେଚ୍ଛାସେବୀ (ମହିଳା) ଭାବେ ସଂଗୀତା ସରେନଙ୍କୁ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ତରଫରୁ ମନୋନିତ କରାଯାଇଥିବାରୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୟୁରଭ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟର ପ୍ରୋଗ୍ରାମ ଅଫିସର ମୀରା ସେନାପତି ଏବଂ ତୃତୀୟ ବର୍ଷର ଛାତ୍ରୀ ସଂଗୀତା ସରେନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ମହାବିଦ୍ୟାଳୟର ଉପାଧକ୍ଷା ଶ୍ରୀମତୀ ସଂଘମିତ୍ରା ରାଉତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସେମାନଙ୍କୁ ଧନ୍ୟବାଦ ଜଣାଇ ଥିଲେ ଏବଂ ଅନ୍ୟ ପ୍ରୋଗ୍ରାମ ଅଫିସର ଏବଂ ସ୍ୱେଚ୍ଛାସେବୀମାନେ ଆଗକୁ ଅଧିକ ସେବା ମୂଳକ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ । ଏହି ଅବସରରେ ପ୍ରୋଗ୍ରାମ ଅଫିସର ମୀରା ସେନାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ପ୍ରୋଗ୍ରାମ ଅଫିସର ବିଜୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସ୍ମୃତି ରଂଜନ ନାୟକ, ମଦନ ମୋହନ ସାହୁ, ପଂଚାନନ ସାହୁ, ଅଙ୍କିତା ସାହୁ, ଅଧ୍ୟାପିକା ସାଗରୀକା ପଣ୍ଡା, ଅଭିପ୍ସା ନାୟକ, ଇତିବାଳା ମହାପାତ୍ର, ଅଙ୍କିତା ସାହୁ, ସବିତାରାଣୀ ଦାଶ, ପୂଜାରିଣୀ ଦାସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ।

# ଜାଲି ଆକାଉଣ୍ଟରେ ରେଲୱେ ଟିକଟ ବିକ୍ରି ଅଭିଯୋଗରେ ଆଉ ଜଣଙ୍କୁ ଗିରଫ୍ କଲା ପାରାଦୀପ ଆର୍‌ପିଏଫ



ପାରାଦୀପ,୨୫।୯ (ନି.ପ୍ର): ପାରାଦୀପ ରେଲୱ୍ୱ ପ୍ରୋଟେକ୍‌ସନ ଫୋର୍ସ (ଆର୍‌ପିଏଫ) ଗୁରୁବାର ଦିନ ଏକ ମିଳିତ ଚଢାଉ କରି କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚଉଦକୁଲାଟ ବଜାରରୁ ଜାଲ ଆକାଉଣ୍ଟରେ ଭାରତୀୟ ରେଳବାଇର ଟିକଟ ବିକ୍ରିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଚଉଦକୁଲାଟ ବଜାରରେ ଯୋଗେନ୍ଦ୍ର ସାହୁଙ୍କ ପୁଅ ଜ୍ୟୋତି ରଂଜନ ସାହୁ(୩୮) ଓରଫ ଗଣେଷ ଜ୍ୟୋତି ମୋବାଇଲ ସର୍ଭିସ ନାମରେ ଏକ ମୋବାଇଲ ଦୋକାନ କରିଛନ୍ତି । ଭାରତୀୟ ରେଳବାଇର ୧୭ଟି ଜାଲ ଆଇଡି ଖୋଲି ଇ-ଟିକେଟ୍ ବିକ୍ରି କରୁଥିଲେ । ସେଠାରେ ରେଳବାଇ ଅଧିକାରୀ ଓ କର୍ମଚାରୀଙ୍କ ମିଳିତ ଚଢାଉରୁ ଏହା ଜଣାପଡିବା ସହିତ ସେ ବ୍ୟବହାର କରୁଥିବା ଲାପଟପ୍, ମୋବାଇଲ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛନ୍ତି । ଏ ବାବଦରେ ସିଆସି-୩୧/୨୦୨୦ୟୁ/ ଏସ୍ ୧୪୩ ରେଲୱ୍ୱ ଆକ୍ଟରେ ଏକ ମାମଲା ପାରାଦୀପ ରେଲୱ୍ୱ ଥାନାରେ ରୁଜୁ ହୋଇଛି । ରେଲୱ୍ୱ ପୋଲିସ ପଟ୍ଟାମୁଣ୍ଡାଇ କୋର୍ଟରେ ଶୁକ୍ରବାର ଦିନ ହାଜର କରିଥିବା ପାରାଦୀପ ଆର୍‌ପିଏଫ୍ ଅଧିକାରୀ ପଙ୍କଜ କୁମାର ପ୍ରକାଶ କରିଛନ୍ତି । ସୂଚନା ଥାଉକି, ଏହି ଅଭିଯୋଗରେ ପୂର୍ବରୁ ଅନ୍ୟ ଦୁଇଜଣଙ୍କୁ ରେଲୱ୍ୱ ପୋଲିସ(ଆର୍‌ପିଏଫ୍) ଗିରଫ୍ କରିଥିଲା।

# କ୍ରୀଡା ମନ୍ତ୍ରୀ କରୋନା ପଜିଟିଭ୍

ଭୁବନେଶ୍ୱର,୨୫।୯ (ନି.ପ୍ର): ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ମନ୍ତ୍ରୀ ଶ୍ରୀ ବେହେରା ଟୁଇଟ ଜରିଆରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ମୁଁ ଏବେ ହୋମ ଆଇସୋଲେସନରେ ଥାଇ ସୁସ୍ଥ ଅଛି ।

# ଗାନ୍ଧୀବାଦୀ ଶିକ୍ଷକଙ୍କ ପରଲୋକ



ଖଇରା,୨୫।୯ (ନି.ପ୍ର): ଖଇରା ବ୍ଲକ ସାରକୋଣା ପଂଚାୟତ କେନ୍ଦୁ ଭଦଳୀ ଗ୍ରାମର ଗାନ୍ଧୀବାଦୀ ଶିକ୍ଷକ ଭାଗବତ ପେଡାଙ୍କର ଗତକାଲି ସନ୍ଧ୍ୟାରେ ନିଜର ବାସଗୃହରେ ପରଲୋକ ହୋଇଯାଇଛି । ମୃତ୍ୟୁ ସମୟରେ ପୁତ୍ର ନାରାୟଣ ପ୍ରସାଦ ପେଡା, ବୃନ୍ଦାବନ ପେଡା, କରୁଣାକର ପେଡା, ପୁତ୍ରବଧୂ ଓ ନାତି, ନାତୁଣୀ ସହ ପରିବାରଙ୍କ ଉପସ୍ଥିଥିଲେ। ତାଙ୍କର ଜ୍ୟେଷ୍ଠା ନାତି ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ । ଦେହାନ୍ତ ବେଳକୁ ତାଙ୍କର ୯୭ବର୍ଷ ବୟସ ହୋଇଥିଲା । ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ,ଛାତ୍ର ବତ୍ସଳ,ସମାଜସେବୀ ମିଷ୍ଟଭାଷି ମଣିଷ ଥିଲେ ।ସେ ପ୍ରଥମେ ତୁଡିଗଡିଆ ସ୍ଥିତ ଗାନ୍ଧୀ ବିଦ୍ୟାଳୟରେ ତାଙ୍କର ଶିକ୍ଷକତା ଆରମ୍ଭ କରିଥିଲେ ପରେ ନବରଙ୍ଗପୁର ବେସିକ୍ ଟ୍ରେନିଂ ସ୍କୁଲ, ତୁଡିଗଡିଆ ବେସିକ୍ ଟ୍ରେନିଂ ସ୍କୁଲ, କୁରୁଣ୍ଟା ଜୁନିଅର ବେସିକ୍ ଟ୍ରେନିଂ ସ୍କୁଲ, ମହତୀପୁର ବେସିକ୍ ଟ୍ରେନିଂ ସ୍କୁଲ ସର୍ବଶେଷରେ ଫତେପୁର ସରକାରୀ ମଧ ଇଂରାଜୀ ବିଦ୍ୟାଳୟରୁ ୧୯୮୭ ଜୁଲାଇ ୩୧ ତାରିଖ ରେ ଅବସର ଗ୍ରହଣ କରିଥିଲେ । ସେ ଗାନ୍ଧୀବାଦୀରେ ସଂପୃକ୍ତ ଥିଲେ । ତାଙ୍କର ବିୟୋଗରେ ଖଇରା ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଛାତ୍ର ତଥା ସାମଜସେବୀ ରାଧାଶ୍ୟାମ ପଣ୍ଡା,ଅଧ୍ୟାପକ ବିଜୟ କୁମାର ପଣ୍ଡା,ସାମ୍ବାଦିକ ଧନଞ୍ଜୟ ପଣ୍ଡା ଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହି ସ୍ୱର୍ଗତ ଭାଗବତ ପେଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଇଶ୍ୱରଙ୍କ ନିକଟରେ ପାର୍ଥନା କରିଥିଲେ।

# ଭାରତ ବନ୍ଦ କରି ଆମ ଅଧିକାରର କର୍ମୀ ଗିରଫ

ଭୁବନେଶ୍ୱର,୨୫।୯ (ନି.ପ୍ର): କେନ୍ଦ୍ର ସରକାର ସଂସଦରେ ଗୃହିତ କରାଇଥିବା କୃଷକ ବିରୋଧୀ କଳାବିଲ୍ ବାତିଲ୍ କରିବା ଦାବୀରେ ବିଭିନ୍ନ କୃଷକ ଓ ଗଣସଂଗଠନଗୁଡ଼ିକ ପକ୍ଷରୁ ଆହୃତ ଭାରତ ବନ୍ଦରେ ପୂର୍ବ ନିର୍ଦ୍ଧାରିତ ଘୋଷଣା ଅନୁଯାୟୀ 'ଆମ ଅଧିକାର' ଆଜି ସାମିଲ୍ ହୋଇଥିଲା। ସଂଗଠନର ୫୦ରୁ ଉର୍ଦ୍ଧ୍ୱ ଯୁବକ ଆବାହକ ଅମିୟ ପାଣ୍ଡବ ଓ ମହାସଚିବ ଗଣେଶ ଦାଶଙ୍କ ନେତୃତ୍ୱରେ ଏଜି ଛକରେ ବିକ୍ଷୋଭ କରିଥିଲେ। କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ପ୍ଲାକାର୍ଡ଼ ଓ ବ୍ୟାନର ଧରି କର୍ମୀମାନେ ପୋଲିସ୍ ବ୍ୟାରିକେଡ଼ ଭାଙ୍ଗି ସଚିବାଳୟ ଆଡ଼କୁ ଅଗ୍ରସର ହେବା ସମୟରେ ପୋଲିସ୍ ସେମାନଙ୍କୁ ବାଧା ଦେଇଥିଲା। ଫଳରେ କର୍ମୀମାନେ ସେଇ ରାସ୍ତା ଉପରେ ବସିଯାଇ ପିକେଟିଂ କରିବାରୁ ପୋଲିସ୍ ସେମାନଙ୍କୁ ଗିରଫ କରି ନେଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମକୁ ଯୁବନେତା ବିଶ୍ୱଭୂଷଣ ମହାପାତ୍ର ପରିଚାଳନା କରିଥିଲେ। କେନ୍ଦ୍ର ସରକାର ଏହି ବିଲ୍ ଦ୍ୱୟକୁ ପ୍ରତ୍ୟାହାର ନକଲେ, ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଥିଲା।

# କୃଷକ ସର୍ବନାସକାରୀ କୃଷି ଆଇନ୍ ବିରୋଧରେ ପ୍ରତିବାଦ ଦିବସ ଓ ରାସ୍ତା ଅବରୋଧ




ଜଳେଶ୍ୱର, ୨୫/୯ (ନି.ପ୍ର) : କୃଷିଯାତ ସାମଗ୍ରୀର ବିପଣନ ଓ କାରବାର ବିଧେୟକ ୨୦୨୦ ରଦ୍ଦ କରିବା, ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ୍ ୧୯୫୫ ( ସଂଶୋଧନ ବିଧେୟକ) ରଦ୍ଦ କରିବା, କୃଷକ ସଶକ୍ତିକରଣ ଓ ସୁରକ୍ଷା ରାଜିନାମା ମୂଲ୍ୟ ସୁନିର୍ଶ୍ଚିତ କରିବା, କୃଷି ସେବା ବିଧେୟକ ବିଲ୍ ରଦ୍ଦ କରିବା, ପ୍ରାଇଭେଟ ମଣ୍ଡି ଆଇନ୍ ବାତିଲ କରିବା, ୧୯୫୫ ମସିହା ଅତ୍ୟାବଶ୍ୟକୀୟ ସଂଶୋଧନ ଆଇନ୍ ବାତିଲ ହେବା, କଣ୍ଟ୍ରାକ୍ଟ ଫାର୍ମିଂ ଆଇନ୍ ୨୦୨୦ ବାତିଲ କରିବା, ନୂତନ ବିଦ୍ୟୁତ୍ ବିଲ ୨୦୨୦କୁ ପ୍ରତ୍ୟାହାର କରିବା, ଡିଜେଲର ବର୍ଦ୍ଧିତ ମୂଲ୍ୟ ପ୍ରତ୍ୟାହୃତ ହେବା, ଦୁଗ୍ଧଜାତ ଦ୍ରବ୍ୟ, ଅଣ୍ଡା, ଖାଦ୍ୟଦ୍ରବ୍ୟ ଆମଦାନୀ ପାଇଁ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ରଦ୍ଦ କରିବା ଓ ରାଜ୍ୟ ସରକାରଙ୍କ ବର୍ଦ୍ଧିତ ଦାବୀରେ ଆଜି ଦେଶ ତମାମ ସିପିଏମ୍ ପକ୍ଷରୁ ବଂଦ ଓ ପ୍ରତିବାଦ ଆନ୍ଦୋଳନ ଚାଲିଥିବା ବେଳେ ଜଳେଶ୍ୱରରେ ରାସ୍ତା ଅବରୋଧ ଓ ଆନ୍ଦୋଳନ ହୋଇ ଯାଇଛି । କରୋନା ମହାମାରୀ ସଂକଟ ବେଳେ ପାର୍ଲ୍ୟାମେଣ୍ଟର ବିଧି ବ୍ୟବସ୍ଥା ଓ ଭୋଟ ଦେବା ଅଧିକାରକୁ ଅଶ୍ୱୀକାର କରି ଅତି ତରବରିଆଭାବେ ବିଲ ଗୁଡିକ ପାସ୍ କରାଯାଇଛି । ମୋଦି ସରକାର କର୍ପୋରେଟ ମାନଙ୍କ ସ୍ୱାର୍ଥ ନିମନ୍ତେ ସଂମ୍ବିଧାନ ଓ ସଂସଦୀୟ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି । ଲୋକଙ୍କୁ ଜିବୀକା ଦେବାରେ ବିଫଳ ହୋଇଥିବା ବିଜେପି ସରକାର କୋଟି କୋଟି କୃଷିକ, କୃଷି ଶ୍ରମିକ ଆଦିବାସୀ ଓ ଦଳିତ ମାନଙ୍କ ଜୀବିକାକୁ ଧ୍ୱଂସ କରିବାର ଶଡଯନ୍ତ କରିଛନ୍ତି ବୋଲି ବକ୍ତାମାନେ କହିଛନ୍ତି । ଜଳେଶ୍ୱରରେ ଦିଲ୍ଲିପ ଗିରି, ସୀତାଂଶୁ ସେନାପତି, ଜିତାଂଶୁ ନନ୍ଦି, ଜୀବନ ପରିଡା, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ, ସେକ୍ ଅବଦୁଲ ସାଦ୍ଧିକ, ରତନ ଦାସ, ଗଣେଶ ଭୂୟାଁ, ରାମଚନ୍ଦ୍ର ଦେ, ଆରତୀ ପଲାଇ, ସବିତା ଭୂୟାଁ, ଲକ୍ଷ୍ମୀଧର ପଲାଇ, ମମି ପଣ୍ଡା, ସେକ୍ ଜମିରୁଦ୍ଦିନ, ସେକ୍ ତଏବ, ଅସୀମ ବେହେରା, ଚନ୍ଦନ ସତପଥି, ଭାଗବତ ପ୍ରଧାନ, ସେକ୍ ଇମାମୁଲ, ସୁମିତ୍ରା ଦେ, ମଦନ ମହାଲି, ଗେଣଶ ଜେନା, ଅରୁଣ ଜେନା ପ୍ରମୁଖ ଆଜିର ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ।

# ପୌରାଞ୍ଚଳ ମହିଳାଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ




ବାଲେଶ୍ୱର,୨୫।୯ (ନି.ପ୍ର): ଅଖିଳ ଭାରତ ମହିଳା କଂଗ୍ରେସ ଅଧ୍ୟକ୍ଷା ସସ୍ମିତା ଦେବଙ୍କ ନିର୍ଦ୍ଦେଶ ଓ ବାଲେଶ୍ୱରର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ପୌରାଞ୍ଚଳର ମହିଳାମାନଙ୍କୁ ବିଭିନ୍ନ ପ୍ରକାର ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ପୌରପାଳିକାର ୨୩ ନଂ ଓ୍ୱାର୍ଡ଼ରେ ୩ଶହରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସାବୁନ୍ ଓ ନାପକିନ୍ ଆଦି ପ୍ରଦାନ କରାଯାଇଥିଲା। ଏତି ସହିତ କରୋନା ଭଳି ମହାମାରୀରୁ ବର୍ତ୍ତିବା ଦିନରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ଗୋଶାଳାପଦା ନିକଟରେ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା କଂଗ୍ରେସ ଅଧ୍ୟକ୍ଷା ପ୍ରଜ୍ଞାପାରମିତା ମହାନ୍ତି, ଯୁବ ସଂଗଠକ ଭଗବାନ ମୋହିନୀ, ଅଜିତ୍ ଦାସ, ମେରିନା ଟୁଡୁ, ତାପସ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଆଗାମୀ ଦିନରେ ବି ବାଲେଶ୍ୱର ପୌରପାଳିକାର ପ୍ରତିଓ୍ୱାର୍ଡ଼ରେ ଏହି ଭଳି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସୁଶ୍ରୀ ନନ୍ଦୀ ସୂଚନା ଦେଇଥିଲେ।

# ସଙ୍ଗରୋଧରେ ଥିବା କୋଭିଡ ସଂକ୍ରମିତଙ୍କୁ ଭେଟିଲେ ଜିଲ୍ଲାପାଳ



ବାରିପଦା ,୨୫।୯ (ନି.ପ୍ର): କରୋନା ସାରା ବିଶ୍ୱରେ ନିଜର କାୟା ବିସ୍ତାର କରିଥିବା ବେଳେ ଓଡିଶା ତଥା ମୟୂରଭ ଜିଲ୍ଲାରେ ମଧ୍ୟ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଉଥିବାର ଦେଖାଯାଉଛି । କୋଭିଡ ହସପିଟାଲରେ ବହୁ ରୋଗୀ ଚିକିତ୍ସିତ ହେଉଥିବା ବେଳେ ସରକାରଙ୍କ କୋଭିଡ ଗାଇଡଲାଇନ ଅନୁସାରେ ବହୁ ସଂକ୍ରମିତ ନିଜ ଘରେ ସଂଗରୋଧରେ ରହି ସ୍ୱତନ୍ତ୍ର ମେଡିକାଲ ଟିମ ଦ୍ୱାରା ଚିକିତ୍ସିତ ହେଉଛନ୍ତି । ବାରିପଦା ସହରାଂଚଳରେ ସଂଗରୋଧରେ ରହି କୋଭିଡ ଗାଇଡଲାଇନ ଆଧାରରେ ଚିକିତ୍ସିତ ହେଉଥିବା ସଂକ୍ରମିତଙ୍କ ନିକଟକୁ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ମେଡିକାଲ ଟିମ ସହିତ ଗସ୍ତ କରି ସେମାନଙ୍କର ସୁବିଧା ଅସୁବିଧା ବୁଝିବା ସହିତ ସେମାନେ କିଭଳି ଅଧିକ ଚିକିତ୍ସା ସୁବିଧା ଘରେ ରହି ପାଇ ପାରିବେ ସେଦିଗରେ ବିଭାଗୀୟ ଟିମ କର୍ମକର୍ତ୍ତା ମାନଙ୍କୁ ଦିଗଦର୍ଶନ ଦେଇଥିବାର ଜଣାଯାଇଛି । ଏହି ଗସ୍ତ ସମୟରେ ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ଏବଂ ସଂପୃକ୍ତ ସ୍ୱାସ୍ଥ୍ୟ ଟିମର ଅଧିକାରୀ ତଥା କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo